ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୮ ସେପ୍ଟେମ୍ବର , ୨୦୨୩



**ଅଘଟଣ ସମାଧାନ ପାଇଁ ରାୟଟ ଡ୍ରିଲ**

ନୟାଗଡ଼,(ଲୋକନାଥ ମିଶ୍ର):ନୟାଗଡ଼ ରିଜର୍ଭ ପଡ଼ିଆରେ ରାୟଟ ଡ୍ରିଲ ରବିବାର ଅନୁଷ୍ଠିତ ହୋଇଯାଇଛି । ଅଘଟଣର ସମାଧାନ ପାଇଁ ଏହି ଡ୍ରିଲ ପୋଲିସ ପାଇଁ ନିହାତି ଦରକାର । ଏହି ଡ୍ରିଲ କରାଗଲେ ପୋଲିସ ସୁରକ୍ଷିତ ରହିବ ଓ ଅନ୍ୟମାନେ ସୁରକ୍ଷା ପାଇବେ । ଏଣୁ ଏହି ପ୍ରଶିକ୍ଷଣ ସପ୍ତାହରେ ଥରେ କରିବା ପାଇଁ ଏସ୍‌ପି ରାହୁଲ ଜୈନ୍ୟ ନିର୍ଦ୍ଦେଶ ଦେଇଛନ୍ତି । ରିଜର୍ଭ ଇନ୍ସପେକ୍ଟର ବିଜୟ ମୁଦୁଲି ରାୟଟ ଡ୍ରିଲକୁ ପରିଚାଳନା କରିଥିଲେ ।

# ବ୍ଲାକମେଲିଂ ଅସହ୍ୟ ହେବାରୁ ଯୁବତୀଙ୍କ ଆତ୍ମହତ୍ୟା

ନୟାଗଡ଼,୧୭।୯(ଲୋକନାଥ ମିଶ୍ର)

■ମୃତ୍ୟୁ ବେଳକୁ ହ୍ୱାଟସ୍ ଅପ୍ କଲିଂରେ ଗପୁଥିଲେ ଯୁବକ

■ଆତ୍ମହତ୍ୟା ନେଇ ମା'ବାପାଙ୍କୁ ଖବର ଦେଲେ

ନୟାଗଡ଼ ଜିଲା ଇଟାମାଟି ଥାନା ଗୋବିନ୍ଦପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ବିବାହ କରିବାକୁ ଏକତରଫା ପ୍ରେମ କରି ବାରମ୍ବାର ବ୍ଲାକ ମେଲିଂ କରିବା ପରେ ଯୁବତୀ ଜଣକ ଆତ୍ମହତ୍ୟା କରିଛନ୍ତି। ଏନେଇ ଇଟାମାଟି ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ପୋଲିସ ହସ୍ତାନ୍ତର କରିଛି ।

ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ଝିଅ ନୟାଗଡ଼ କଲେଜରେ ଯୁକ୍ତ ୩ ବର୍ଷର ଛାତ୍ରୀ । ତାକୁ ବୋଦାପଡା ଗାଁର ନିରଞ୍ଜନ ପରିଡ଼ା (୨୬) ଏକତରଫା ପ୍ରେମ କରୁଥିଲେ । ଝିଅର ଦାଦାଙ୍କ ସହ ଘରକୁ ଆସି ନିରଞ୍ଜନ ଝିଅ ସହ ମିଶିଥିଲେ । କିଛି ଫଟୋ ଉଠାଇ ବାହା ହେବାକୁ ଚାପ ପ୍ରୟୋଗ କରିଥିଲେ । ଏପରି କି ଫୋନରେ ବିଭିନ୍ନ ସମୟରେ ବିବାହ କରିବାକୁ କହୁଥିଲେ । ଝିଅ ଏ ସମ୍ପର୍କରେ ଘରେ କହିବା ପରେ ନିରଞ୍ଜନଙ୍କ ଘରକୁ ଯାଇ ଆମେ ତାଙ୍କ ପରିବାର ଲୋକଙ୍କୁ ଅବଗତ କରିଥିଲୁ । ନିରଞ୍ଜନଙ୍କ ପରିବାର ପକ୍ଷରୁ କୁହାଯାଇଥିଲା ପୁଅ ଆଉ ହଇରାଣ କରିବନି । ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଫୋନ ନମ୍ବରରେ ସେ ଝିଅକୁ ହଇରାଣ କରୁଥିଲେ । ଗତ ୫ଦିନ ହେଲା ନିରଞ୍ଜନଙ୍କ ଫୋନ୍ କଲ ବଢ଼ିଥିଲା । ବାହା ନ ହେଲେ କଲେଜରେ ପାଠ ପଢ଼ାଇ ଦେବନି । ଅନ୍ୟତ୍ର ବାହାଘର କରାଇ ଦେବନି । ପୁଣି ଅନେକ କଟୁ କଥା କହିଥିଲେ। ରବିବାର ଝିଅ ଆତ୍ମହତ୍ୟା ଖବର ନିରଞ୍ଜନ ଦେଇଥିଲେ । ମୋ ଝିଅ ଯେପରି ବିନା କାରଣରେ ପ୍ରାଣ ହରାଇଲା । ନିରଞ୍ଜନଙ୍କୁ ଫାଶି ଦେଲେ ମୋ ଝିଅର ଆତ୍ମା ଖୁସି ପାଇବ ବୋଲି ସେ କହିଛନ୍ତି ।

ଝିଅର ମଉସା ଓ ମାମୁ କୁହନ୍ତି, ରବିବାର ପୂର୍ବାହ୍ନ ୮.୫୩ରୁ ୯.୧୩ ପର୍ଯ୍ୟନ୍ତ ନିରଞ୍ଜନ ଝିଅକୁ ହ୍ୱାଟସ୍ ଅପ୍‌ରେ କଲ୍ କରି ଝିଅକୁ ହଇରାଣ କରିଥିଲେ। ଝିଅ ବାମ୍ବାର ବ୍ଲାକମେଲିଂ ହୋଇ ଆତ୍ମହତ୍ୟା କରିବାକୁ ବୋଧହୁଏ ବାଛି ନେଇଥିଲେ। ଏଭଳିଆ ଯୁବକଙ୍କୁ ଫାଶି ଦେଲେ ଆମେ ଖୁସି ହେବୁ । ଆମ ଝିଅ ରୋଜାଗରିଆ ଥିଲା। କଲେଜରେ ଭଲ ପାଠ ପଢୁଥିଲା । କଲେଜରୁ ପାଠ ସାରି କୋଚିଂ କରି ମାସକୁ ୧୬ ହଜାର ଟଙ୍କା ରୋଜଗାର କରୁଥିଲା। ପୁଣି ପୋଷ୍ଟାଲରେ ଏକ ଚାକିରି ପାଇଥିଲା । କିଛିଦିନ ପରେ କାମ ଯୋଗ ଦେଇଥାନ୍ତା । ସବୁ କିଛି ଏପଟସେପଟ ହୋଇଗଲା । ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି, ମୁଁ ଛୁଟିରେ ଅଛି। ତେବେ ଗୋବିନ୍ଦପୁର ଅଞ୍ଚଳ କଲେଜ ଛାତ୍ରର ଆତ୍ମହତ୍ୟା ମାମଲାକୁ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲୁ ରହିଛି। ଏଭଳି ଘଟଣା ହୃଦୟ ବିଦାରକ ବୋଲି ସେ କହିଛନ୍ତି ।

# ବିଶ୍ୱକର୍ମାଙ୍କ ପୂଜା ପାଇଁ ଖଣ୍ଡପଡ଼ା ଉତ୍ସବମୁଖର

ଖଣ୍ଡପଡ଼ା,୧୭।୯
(ଅଜୟ କୁମାର ମହାରଣା)



ବିଶ୍ୱକର୍ମାଙ୍କ ପୂଜା ରବିବାର ଖଣ୍ଡପଡା ଓ କଣ୍ଟିଲୋର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନରେ ପାଳିତ ହୋଇ ଯାଇଛି । ଖଣ୍ଡପଡା ଓ କଣ୍ଟିଲୋ ବିଦ୍ୟୁତ୍ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ, ଜଳ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଆଇଟିଆଇ ସମେତ ବିଭିନ୍ନ ଘରୋଇ ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା । ପୂଜା ପାଉଥିବା ପ୍ରତିମା ହେଉଛନ୍ତି ଚତୁର୍ଭୁଜ । ବାମ ହାତରେ ବଟାଳୀ ଓ ବାମ ତଳ ହାତରେ ହାତୁଡି ବା ନିକିତି ରହିଥିବା ବେଳେ ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆର୍ଶିବାଦ କରୁଥିବା ଠାଣି ରହିଛି । ଏଣୁ ବିଶ୍ୱକର୍ମା ହେଉଛନ୍ତି ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା



ଦଶପଲ୍ଲା,୧୭।୯(ପ୍ରକାଶ କୁମାର ପାଣି )

ଦଶପଲ୍ଲାରେ ବିଶ୍ୱକର୍ମା ପୂଜା ଖୁବ ଉତ୍ସାହର ସହ ପାଳିତ ହୋଇଯାଇଛି। ଦଶପଲ୍ଲାର ବିଦ୍ୟୁତ ବିଭାଗ, ଜଳ ସମ୍ପଦ, କ୍ଷୁଦ୍ର ଜଳସେଚନ ବିଭାଗ, ଦଶପଲ୍ଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଜ୍ଞାପିତ ଅଞ୍ଚଳ ପରିଷଦ, ହନୁମାନ ବଜାରର ରାଜ କନଷ୍ଟ୍ରକଶନ, ବିଶକର୍ମା ବଜାର, ତ୍ରିନାଥ ବଜାର, ଡିହଗାଁ ପଞ୍ଚାୟତର ଦ୍ୱାରଗାଁ, ଖମାରସାହି ପଞ୍ଚାୟତର ମେଘମାଳ, ଶିମିଳିସାହି ପଞ୍ଚାୟତର ବିଭିନ୍ନ ସ୍ଥାନରେ ପୂଜାମଣ୍ଡପ ନିର୍ମାଣ କରାଯାଇ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଛି। ଏହି ପୂଜା ପାଇଁ ଆଲୋକମାଳା ତୋରଣ ହୋଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷେଣ କରାଯାଇଥିଲା । ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ ବିଭିନ୍ନ ପୂଜା ମଣ୍ଡପକୁ ଯାଇ ସଙ୍ଗଠକମାନଙ୍କୁ ଉତ୍ସାହିତ କରିଥିଲେ।

# ବୃଦ୍ଧାଶ୍ରମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ବସ୍ତ୍ର ପ୍ରଦାନ କରାଯାଉଛି।

ନୟାଗଡ଼,୧୭।୯(ଲୋକନାଥ ମିଶ୍ର)

ରବିବାର ସଂକ୍ରାନ୍ତି ତଥା ବିଶ୍ୱକର୍ମା ପୂଜା ଅବସରରେ କୁରାଳ ପଞ୍ଚୁ ତୁଳସୀ ପାଠାଗାର ଓ ସଂଗ୍ରହାଳୟର ପ୍ରତିଷ୍ଠାତା ସ୍ୱର୍ଗତ ରାସ ବିହାରୀ ଖଟେଇଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଆରଡା ଆର୍ଯ୍ୟ ସମାଜର କାର୍ଯ୍ୟକର୍ତ୍ତାମାନଙ୍କ ସଂଯୋଜନାରେ ନୟାଗଡ଼ ନିକଟ ଲେଖନପୁରସ୍ଥିତ ସମର୍ପଣ ଗୃହରେ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମର୍ପଣ ପରିଚାଳନା କମିଟିର ସମ୍ପାଦକ ଶ୍ରୀଧର ସାହୁ ଓ ତାଙ୍କ ସ୍ତ୍ରୀ ଗାୟତ୍ରୀ ମହାପାତ୍ର ଯଜ୍ଞରେ ବସିଥିଲା ବେଳେ ସମସ୍ତ ଅନ୍ତେବାସୀ ଆହୁତି ପ୍ରଦାନ କରିଥିଲେ। ଯଜ୍ଞ ଶେଷ ପରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱର୍ଗତ ଖଟେଇଙ୍କ ପୁଅ ଶିବ ପ୍ରସାଦ ଖଟେଇଙ୍କ ତରଫରୁ ସମସ୍ତ ଅନ୍ତେବାସୀଙ୍କୁ ସମର୍ପଣ ପରିଚାଳନା କମିଟିର ସଭାପତି ତଥା ନୟାଗଡ଼ ଜିଲାପାଳ ରବିନ୍ଦ୍ରନାଥ ସାହୁଙ୍କ ଦ୍ୱାରା ବସ୍ତ୍ର ଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୌରପରିଷଦ ପୌରାଧକ୍ଷା ନିରୁପମା ଖଟେଇ, ସମର୍ପଣ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ମହାନ୍ତି, ଆରଡା ଆର୍ଯ୍ୟ ସମାଜର ସଭାପତି ଶ୍ରୀକାନ୍ତ ଖଟେଇ, ସମର୍ପଣ ପରିଚାଳନା କମିଟି ସଦସ୍ୟ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପୃଷ୍ଟି, ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ଥିଲେ ।

## ନିଖୋଜ ବୃଦ୍ଧଙ୍କ ମୃତଦେହ ନଦୀରୁ ମିଳିଲା

ଖଣ୍ଡପଡ଼ା,୧୭।୯ (ଅଜୟ କୁମାର ମହାରଣା): ଖଣ୍ଡପଡା ବ୍ଲକ ଅଧୀନ ଗୁଣ୍ଠୁଣି ଗ୍ରାମର ହରିହର ମୁଦୁଲି ଶନିବାର ନିକଟସ୍ଥ ଡ଼ାହୁକା ନଦୀକୁ ସ୍ନାନ କରିବାକୁ ଯାଇଥିଲେ । ହେଲେ ସେ ଆକସ୍ମିକ ଭାବେ ନଦୀରେ ଭାସି ଯାଇ ନିଖୋଜ ଥିଲେ । ରବିବାର ସକାଳେ ନଦୀରେ ଜଣେ ବ୍ୟକ୍ତିଙ୍କ ଶବ ଭାସୁଥିବା ନେଇ ଗ୍ରାମବାସୀଙ୍କ ନଜରକୁ ଆସିଥିଲା । ଖବର ପାଇ ଖଣ୍ଡପଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ବୃଦ୍ଧଙ୍କ ମୃତଦେହ ନଦୀରୁ ଉଦ୍ଧାର କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ପରେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ଆଜି ଜିଲାପାଳଙ୍କ ଜନଶୁଣାଣି ଶିବିର

ଖଣ୍ଡପଡ଼ା,୧୭।୯
(ଅଜୟ କୁମାର ମହାରଣା)

ସୋମବାର ଅର୍ଥାତ୍ ୧୮ ତାରିଖରେ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ ଘଟିକାରୁ ଆରମ୍ଭ ହେବାକୁ ଥିବା ଶିବିରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବେ । ଖଣ୍ଡପଡା ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରୁ ଆପତ୍ତି, ଅଭିଯୋଗ ନେଇ ଜନସାଧାରଣ ଶିବିରରେ ଉପସ୍ଥିତ ରହିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସେବାପକ୍ଷ ଆରମ୍ଭ

ନୟାଗଡ଼,୧୭।୯(ଲୋକନାଥ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଭାଜପା ନେତ୍ରୀ ତଥା ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶରୀ ସିଂଙ୍କ ନେତୃତ୍ୱରେ ସେବାପକ୍ଷ ରବିବାର ଆରମ୍ଭ ହୋଇଛି। ଜନ୍ମଦିନ ଅବସରରେ ନୟାଗଡ଼ ମା'ଶାଳଭଞ୍ଜ ଠାକୁରାଣୀଙ୍କ ମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରି ସମୂହ ଦୀପଦାନ କରଯାଇଛି । ପ୍ରଧାନମନ୍ତ୍ରୀ ରବିବାର ଶୁଭାରମ୍ଭ କରିଥିବା ବିଶ୍ୱକର୍ମା ଯୋଜନାର ସିଧା ପ୍ରସାରଣ ଦେଖିବା ପରେ କୃଷିଭିତ୍ତିକ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ବୁଝାଯାଇଥିଲା। ବିଶ୍ୱକର୍ମା ଯୋଜନାରେ କିଭଳି ପଞ୍ଜୀକରଣ କରାଯିବ, ୧୫୦୦୦ ଟଙ୍କାର ମାଗଣା କିଟ ସହ ୨ ଲକ୍ଷ ମାଗଣା ବୀମା ହିତାଧିକାରୀଙ୍କୁ ମିଳିବ ବୋଲି ଅବଗତ କରାଯାଇଛି । ରାଜ୍ୟ ସଂଯୋଜକ ବସନ୍ତ ପଟ୍ଟନାୟକ କିଷାନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସତନ୍ତ୍ର ନିମନ୍ତ୍ରିତ ସଦସ୍ୟ କୃପାସିନ୍ଧୁ ଗୌଡ କୃଷକ ହିତକାରୀ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ରଜନୀକାନ୍ତ ନନ୍ଦ, ଧ୍ରୁବଚରଣ ସାହୁ, ନୃସିଂହ ଚରଣ ମହାପାତ୍ର ପ୍ରମୁଖ ସମେତ ୩୦୦ରୁ ଉର୍ଦ୍ଧ ଜନ ସାଧାରଣ ଉପସ୍ଥିତ ରହିଥିଲେ। ପରେ ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମୋଦିଙ୍କ ଜନ୍ମ ଦିନରେ ଦୀପ ଦାନ

ଖଣ୍ଡପଡ଼ା,୧୭।୯(ଅଜୟ କୁମାର ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରବିବାର ହେଉଛି ୭୩ତମ ଜନ୍ମ ଦିବସ । ଏଥିପାଇଁ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ମୋଦିଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା । ଏଥିରେ ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ସହ ଭାଜପା କର୍ମୀମାନେ ଆଜି ସାମିଲ ହୋଇଥିଲେ । ଏଥି ସହିତ ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୀପ ଦାନ ସହିତ ମିଷ୍ଟାନ ବଣ୍ଟନ କରାଯାଇଥିଲା ।

# ପାଣି ମାଗି ଘରେ କଳାକନା ବୁଲାଇଲେ

■ଘର ମାଲିକାଣୀଙ୍କୁ ବାନ୍ଧି, ମାରପିଟ୍ କଲେ

■ଦେଢ଼ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଲେ

ନୟାଗଡ଼,୧୭।୯(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ନୟାଗଡ଼ ପୁରୁଣା ସହର ଭିଜିଲାନ୍ସ କାର୍ଯ୍ୟାଳୟ ଲେନରେ ରବିବାର ସନ୍ଧ୍ୟାରେ ୩ଜଣ ଦୁର୍ବୃତ୍ତ ପାଣି ମାଗି ଘରେ କଳା କନା ବୁଲାଇ ଦେଇଛନ୍ତି । ଘର ମାଲିକାଣି ଉର୍ମିଳା ଦେଓଙ୍କୁ ବାନ୍ଧି, ମାରପିଟ୍ କରି ଟ୍ରଙ୍କ ଓ ଗଡ୍ରେଜରୁ ଦେଢ଼ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ।ଲୁଟେରା ଚାଲି ଯିବା ପରେ ଉର୍ମିଳା ବହୁ କଷ୍ଟରେ ବାହାରକୁ ଆସି ଲୁଟ୍ ସମ୍ପର୍କରେ କହି ସହଯୋଗ ମାଗିଥିଲେ । ସ୍ଥାନୀୟ ଲୋକ ଉର୍ମିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି । ୩ ଦୁର୍ବୃତ୍ତ ପ୍ରଥମେ ଘରଭଡା ବାହାନରେ ଘରକୁ ଆସିଥିଲେ । ଘର ନାହିଁ କହିବାକୁ ଚତୁରତାର ସହ ପାଣି ମାଗିଥିଲେ । ପାଣି ଦେବାକୁ ଯିବା ସମୟରେ ଉର୍ମିଳାଙ୍କ ବେକରୁ ସୁନା ଚେନ ଲୁଟି ନେଇଥିଲେ । ପରେ ମାରପିଟ୍ କରି ବାନ୍ଧି ଦେଇଥିଲେ । ଅନ୍ୟପକ୍ଷେ ଟ୍ରଙ୍କ ଓ ଗଡ୍ରେଜରୁ ଅଳଙ୍କାର ଲୁଟିଥିଲେ । ଏନେଇ ଉର୍ମିଳା ଦେଓ କୁହନ୍ତି, ୪ ରୁ ୫ ଦିନ ତଳେ ଏହି ଯୁବକମାନେ ଆସିଥିଲେ । ଏମାନଙ୍କ ମଧ୍ୟରୁ ଜଣେ କହିଥିଲେ ମୁଁ ଜଟଣୀରେ ରେଳବାଇରେ ଚାକିରି କରିଛି । ମୋର ନୟାଗଡ଼ ବଦଳି ହୋଇଛି । ମୁଁ ଘର ଖୋଜୁଛି । ଭଡା ଘର ଅଛି କି ବୋଲି ପଚାରିଥିଲେ । ରେଳ ବିଭାଗରେ କ୍ୱାର୍ଟର୍ସ ଅଛିତ କାହିଁକି ଘର ଭଡା ଖୋଜୁଛ ବୋଲି ପଚାରିଥିଲି । କ୍ୱାର୍ଟର୍ସରେ ସାପ ଯୋଗୁ ପରିବାର ଲୋକ ଡରୁଛନ୍ତି । ମୋ ଘର ଖାଲି ନାହିଁ । ଆମ ପାଇଁ ଘର ଖୋଜି ଦିଅ । ମୁଁ ମନା କଲା ପରେ ଚାଲିଗଲେ । ଘରେ ମାଡାମ ଅଛନ୍ତି କି ନାଁ । ଘରେ ସିସିଟିଭି ଲାଗିଛି କି ନାଁ ପଚାରିଥିଲେ । ୩ଦିନ ପରେ ପୁଣି ରବିବାର ସନ୍ଧ୍ୟାରେ ଘରକୁ ଆସିଲେ । କହିଲେ ଘର ଭଡା ପାଇଗଲୁ । ତେବେ ଆମ ଭିତର ଜଣେ ଯୁବକଙ୍କ ଘର କାଇପଦରରେ । ସେ ଜଣେ ଡ୍ରାଇଭର ତାଙ୍କ ପାଇଁ ଘର ଦରକାର । ଘର ନାହିଁ ବୋଲି ମନା କରି ଦେଲି । ମୁଁ ଏହି ସମୟରେ ସନ୍ଧ୍ୟା ଦେବାକୁ ଯାଉଥିଲି । ପାଣି ପିଇବାକୁ ମାଗିଲେ । ପାଣି ବୋତଲ ଆଣି ଦେଲି । ଏହାପରେ ସେମାନେ ମୋତେ କାବୁ କରିନେଲେ । ମୋ ବ୍ଲାଉଜରେ ହାତକୁ ବାନ୍ଧିଲେ । ପରେ ଓଢ଼ଣିରେ ବାନ୍ଧିଲେ । ପାଟିକଲେ ଜୀବନରେ ମାରି ଦେବାକୁ ଧମକ ଦେଲେ ।

# ଓଡ଼ଗାଁରେ ବିଶ୍ୱକର୍ମା ପୂଜା

ଓଡ଼ଗାଁ,୧୭।୯(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ ଜିଲା ଓଡ଼ଗାଁ ତଥା ଏହାର ଆଖପାଖ ଗ୍ରାମରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି । ସ୍ଥାନୀୟ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଟାଟା ପାୱାର କାର୍ଯ୍ୟାଳୟ, ଟ୍ୟାକ୍ସିଷ୍ଟାଣ୍ଡ, ମହାବୀର ଛକ ବଜାର, ବୈଷୟିକ ଶିକ୍ଷାନୁଷ୍ଠାନ ସମେତ ସମସ୍ତ ଗ୍ୟାରେଜରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ସକାଳୁ ପ୍ରତିମା ଜୀବନ୍ୟାସ ସହିତ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ହୋମ ଯଜ୍ଞାଦି ପଣ୍ଡିତଙ୍କ ଦ୍ୱାରା ସମାପନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ପୂଜା ପେଣ୍ଡାଲ ନିକଟରେ ନାମ ସଂକୀର୍ତ୍ତନ ସହିତ ଲୋକ କଳା ପ୍ରଦର୍ଶିତ ହୋଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀରେ ଚାରାରୋପଣ

ଓଡ଼ଗାଁ,୧୭।୯(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୪ତମ ଜନ୍ମଦିନ ଅବସରରେ ଚାରା ରୋପଣ ଓ ପୂଜାର୍ଚ୍ଚନ ଓ ସାମୁହିକ ଦୀପ ଦାନ ଅନୁଷ୍ଠିତ ହୋଇଛି । ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ କୋମଣ୍ଡରେ ବିଜେ ବାବା ଶ୍ରୀଗୁପ୍ତେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ସହିତ ସାମୁହିକ ଦୀପ ଦାନ ଓ ବେଲପତ୍ର ସମର୍ପଣ କରାଯାଇ ମୋଦିଙ୍କ ଦୀର୍ଘଜୀବନ କାମନା କରାଯାଇଥିଲା ।

NOTICE TO ALL CONCERNED
"By this Paper Publication Notice it is notified to all concerned on behalf of my client Smt. Kakali Maiti, w/o. Sri Kasinath Maiti, D/o.Late Sanat Kumar Biswas, residing at 14/2, Andul 2nd Bye Lane, Post office-B.Garden, Police Station-A.J.C Bose B. Garden,Dist-Howrah-711103 State-West Bengal and also residing at Utsav Bhaban, Saheb Kachari, Balurghat, Dakshin Dinajpur,Pin–733101,that originally one Sanat Kumar Biswas S/o. Late Panchanan Biswas was the owner of the property measuring about 1 Cottah 4 Chittacks 12 Sq.ft land along with two storied pucca structure, comprised in Howrah Municipal Corporation holding No. 14/2, Andul 2nd Bye Lane,P.O–B. Garden,P.S–A.J.C Bose B. Garden, Dist–Howrah–711103 State-West Bengal under HMC ward No.39, hereinafter called the said holding. The said Sanat Kumar Biswas died on 04.08.2013 leaving behind him his wife Chhanda Biswas (died on 15.06.2022), his son Prasun Keshar Biswas (died on 11.05.2018) and his married daughter being my client Smt. Kakali Maiti (surviving). That at present my client absolutely enjoying and possessing the said property/holding since last 10 years without any claim and demand, and/or obstruction from anyone and she is not aware of any other legal heir of the aforesaid deceased Prasun Keshar Biswas. That if any person have any legal right, title, and interest in the said holding and/or structure standing thereon in any manner whatsoever, then contact with me along with all documentary proof within 30 (thirty) days from the date of publication of this notice. Otherwise it will be presumed that my client Kakali Maiti is the only surviving owner by way of inheritance of the said holding and none has any claim right, title, interest etc. in the said holding either as a legal heir or otherwise".
Dev Kumar Sharma Advocate High Court, Calcutta Residence and Chamber 60/3,Ram Lochan Shire Street,Belurmath,Howrah–711202
M– 7003430773

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ
ବିଜ୍ଞପ୍ତି ନଂ.2001/ (SIOS) ତା15.09.23ରିଖ
STATE OPEN SCHOOL CERTIFICATE (SOSC)-2024 (1ST)
ପରୀକ୍ଷା ନିମନ୍ତେ ଫର୍ମ ପୂରଣ ସମ୍ପର୍କିତ ସୂଚନା
No.n–183:– ଏତଦ୍ୱାରା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ଓଡ଼ିଶାର ପରୀକ୍ଷାର୍ଥୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, Odisha State Open School Certificate Examination, 2024 (1ST) ନିମନ୍ତେ ଫର୍ମ ପୂରଣର କାର୍ଯ୍ୟସୂଚୀ ନିମ୍ନରେ ପ୍ରଦାନ କରାଗଲା। ଏହି ଫର୍ମ ପୂରଣର ପ୍ରକ୍ରିୟା ONLINE ମାଧମରେ ହେଉଥିବାରୁ ସମସ୍ତ ମୁକ୍ତ ବିଦ୍ୟାଳୟ ଯଥା Block ଏବଂ District Study Centreର ମୁଖ୍ୟ ଏହି ଫର୍ମ ପୂରଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରାଇବେ।
୧. ଫର୍ମ ପୂରଣ କରିବାର ତାରିଖ ଓ ସମୟ– ଫର୍ମ ପୂରଣ ଏବଂ Final Submission ତା20.09.2023ରିଖଠାରୁ ତା30.09.2023ରିଖ 11.45 P.M. ମଧରେ କରିବାକୁ ହେବ।
୨. ଫର୍ମ ପୂରଣ କରିସାରିବା ପରେ Descriptive Roll Sheetକୁ download କରି ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀମାନେ ନିଜ ତତ୍ତ୍ୱାବଧାନରେ ରଖିବେ ଏବଂ ଏହାର ଏକକିତା ନକଲକୁ ବୋର୍ଡର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ତା05.10.2023ରିଖ ସୁଦ୍ଧା ଦାଖଲ କରିବେ।
୩. ଫର୍ମ ପୂରଣ ସମ୍ପର୍କିତ General ଓ Step by Step Instructions ପରିଷଦର ନିଜସ୍ୱ website i.e."www.bseodisha.ac.in"ରେ ଉପଲବ୍ଧ ହେଉଅଛି। ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢ଼ିସାରି ଫର୍ମ ପୂରଣ କାର୍ଯ୍ୟ ଆରମ୍ଭ କରିବେ। Back ପରୀକ୍ଷାର୍ଥୀମାନଙ୍କର Form ପୂରଣ କରିବାରେ ଅସୁବିଧା ହେଲେ, Boardର ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ।
୪. ଫର୍ମ ପୂରଣ କରିବା ପାଇଁ Link "www.bseodisha.ac.in"ରେ ଉପଲବ୍ଧ ହେବ।
ସ୍ୱା./-
ସମ୍ପାଦକ
OIPR-27004/11/0037/2324

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, ROURKELA
E.Mail- rw_rourkela@yahoo.co.in
TENDER CALL NOTICE
No.: O-1061
BID IDENTIFICATION NO. ONLINE - SERKL-10 OF 2023-24
1. Name of the work: Building works. 2. Total No. of works: 06 (Six) Nos. 3. Estimated cost: Rs.25.07 to 27.10 lakhs. 4. Class of contractor: 'C' & 'B' class. 5. Period of completion: 04 (Four) months. 6. Type of tender: Single cover. 7. Other details:

| Procurement Officer | Bid Identification No. | Availability of tender online for bidding From | To | Last date & time of seeking tender clarification | Date & time of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Rourkela | Online- SERKL-10 of 2023-24 | 25.09.2023 from 10.00 A.M. | 03.10.2023 upto 05.00 P.M. | 02.10.2023 upto 1.00 P.M. | 04.10.2023 at 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.
Sd./- Superintending Engineer, R.W. Division, Rourkela
OIPR-25067/11/0009/2324

ଆଇଆରଇଏଲ୍ (ଇଣ୍ଡିଆ) ଲିମିଟେଡ୍/IREL (India) Limited
ପୂର୍ବରୁ ଇଣ୍ଡିଆନ୍ ରେଆର୍ ଆର୍ଥସ୍ ଲିମିଟେଡ୍
(ଭାରତ ସରକାରଙ୍କ ଉପକ୍ରମ)
(A Government of India Undertaking)
Unleashing Values
ଆଜାଦୀ କା ଅମୃତ ମହୋତ୍ସବ
ସିଆଇଏନ୍: ୟୁ୧୫୧୦୦ଏମ୍‌ଏଚ୍୧୯୫୦ଜିଓଆଇ୦୦୮୧୮୭ ୱେବ୍‌ସାଇଟ୍: www.irel.co.in
ଆଇଏସ୍‌ଓ ୯୦୦୧:୨୦୧୫, ଆଇଏସ୍‌ଓ ୧୪୦୦୧ : ୨୦୧୫ ଏବଂ ଆଇଏସ୍‌ଓ ୪୫୦୦୧ : ୨୦୧୮ କମ୍ପାନୀ
ସନ୍ଦର୍ଭ: ଏଚ୍‌ଭିଟି ନଂ. ୨୩-୨୪/୦୫ ଟେଣ୍ଡର ବିଜ୍ଞପ୍ତି ତାରିଖ: ୧୮।୦୯।୨୦୨୩
ଆଇଆରଇଏଲ, ଓଏସ୍‌ସିଓଏମ୍ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ପ୍ରସ୍ତାବର ଅନୁରୋଧ ଆହ୍ୱାନ କରୁଛି ।

| ବିଡ୍ ନଂ. | କାର୍ଯ୍ୟ / ସାମଗ୍ରୀର ବର୍ଣ୍ଣନା |
|---|---|
| ଜିଇଏମ୍/୨୦୨୩/ବି/୩୯୨୯୬୮୧ | ୧୩୨୦ ଏମ୍‌ଟି କଷ୍ଟିକ୍ ସୋଡା ଲାଏ ଯୋଗାଣ |
| ଜିଇଏମ୍/୨୦୨୩/ବି/୩୯୩୩୦୬୭ | ଆଉ୍ଇଇପିଠାରେ ଉତ୍ପାଦନ ଗତିବିଧିରେ ସହାୟତା ପାଇଁ ଲୋକବଳଙ୍କ ନିୟୋଜନ |
| ଜିଇଏମ୍/୨୦୨୩/ବି/୩୯୦୫୬୧୫ | ଫିଲ୍‌ଟର୍ ପ୍ରେସ୍ ଅନ୍‌ଲୋଡିଂ ଏବଂ କ୍ଷତିଗ୍ରସ୍ତ ଫିଲ୍‌ଟର୍ କପଡ଼ା ବଦଳାଇବା |
| ୨୦୨୩_ଆଇଆରଇଏଲ_୧୬୬୯୯୬_୧ | ଆରଇଇପିର କୋଲ୍ ଶେଡ୍ ଏରିଆ ଏବଂ କଷ୍ଟିକ୍ ଲାଏ ଇଭାପୋରେଟର୍ ଶେଡ୍‌ରେ ଷ୍ଟ୍ରକ୍ଚରାଲ୍ ଓ ସିଭିଲ କାର୍ଯ୍ୟ |
| ୨୦୨୩_ଆଇଆରଇଏଲ_୧୬୭୧୯୫_୧ | ପ୍ରକ୍ରିୟାକୃତ ମିନେରାଲ୍ସର ବ୍ୟାଗିଂ ଓ ପରିବହନ ପରେ ଭାଇଜାଗ୍ ବନ୍ଦର ମାଧ୍ୟମରେ କଣ୍ଟେନର ଶିପମେଣ୍ଟ/ବ୍ରେକ୍ ବଲ୍କ ଶିପମେଣ୍ଟ ସହିତ ସମସ୍ତ କଷ୍ଟମ୍ସ କାଗଜପତ୍ର କାର୍ଯ୍ୟ ପାଇଁ ମୂଲ୍ୟ ଠିକା । |

ବିଡର http://irel.co.in, http://gem.gov.in କିମ୍ବା https://eprocure.gov.in/eprocure/app ରୁ ଟେଣ୍ଡର କାଗଜପତ୍ର ଡାଉନଲୋଡ୍ କରିପାରିବେ । ଉପରୋକ୍ତ ଟେଣ୍ଡରଗୁଡ଼ିକ ସମ୍ବନ୍ଧୀୟ ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
CBC 48129/12/0025/2324
ସ୍ୱା./- ଜିଏମ୍ ଏବଂ ମୁଖ୍ୟ, ଏମ୍‌ଏମ୍‌ଡି, ଓଏସ୍‌ସିଓଏମ୍

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କର ଏକ ମିଳିତ ଉଦ୍ୟମ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଜ୍ଞପ୍ତି
(୦୧.୦୬.୨୦୨୦ ପୂର୍ବରୁ ସେସୁକୁ ଯୋଗାଣ ହୋଇଥିବା ସବୁ ସାମଗ୍ରୀ ଓ ସେବାର ବକେୟା ବିଲ୍ ଦାଖଲ ପାଇଁ ସମସ୍ତ ଭେଣ୍ଡରଙ୍କ ଧ୍ୟାନ ଆକର୍ଷଣ କରାଯାଉଛି।)
ନିର୍ଦ୍ଧାରିତ ଓ ଅନ୍ୟ ଆବଶ୍ୟକୀୟ ନିର୍ଦ୍ଦେଶ ଅନୁସାରେ, ପ୍ରାକ୍ ନିର୍ଦ୍ଧାରିତ ସମୟ ଅର୍ଥାତ୍ ୦୧.୦୬.୨୦୨୦ ପୂର୍ବରୁ ତତ୍‌କାଳୀନ ସେସୁ (ବର୍ତ୍ତମାନର ଟିପିସିଓଡିଏଲ)କୁ ଦିଆଯାଇଥିବା ସବୁ ସାମଗ୍ରୀ ଓ ସେବାର ବକେୟା ବିଲ୍ ଓ ତତ୍‌ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ୩୦.୦୯.୨୦୨୩ ସୁଦ୍ଧା ଦାଖଲ କରିବାକୁ ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିର୍ଦ୍ଦେଶ ଦେଇଛନ୍ତି।
ଏଣୁ ମାନ୍ୟବର ଓଇଆରସିଙ୍କ ନିର୍ଦ୍ଦେଶରେ ଅନୁପାଳନ ପୂର୍ବକ ଭେଣ୍ଡରମାନଙ୍କୁ ଏହି ନୋଟିସ୍ ଦିଆଯାଉଛି କି ସେମାନେ ନିଜର ବକେୟା ବିଲ୍, ଦାବି ଓ ତତ୍‌ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ୩୦.୦୯.୨୦୨୩ ସୁଦ୍ଧା ସମ୍ପୃକ୍ତ ଡିଭିଜନ ଅଫିସରେ ଦାଖଲ କରିବେ।
-ସ୍ୱା- ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

GOVERNMENT OF ODISHA
OFFICE OF THE DISTRICT EDUCATION OFFICER & DPC, BALANGIR
Procurement Notice
No.n-184
Email ID: dpcbolangirssa.opepa@nic.in
No.VIII/CW/18/2023 2409 dated 15.09.2023
1. The District Education Officer & DPC, Samagra Shikshya, Balangir on behalf of Government of Odisha invites unit Rate bid in double cover in offline mode for Incinerator & vending machines for schools of Balangir District. As detail on technical bid for eligibility of original manufacturer / authorized suppliers.
2. Nos. of Incinerator for Pad disposal & Pad Vending Machine: 1138 Nos.
3. Tender paper cost: Rs.10,000/- (Rupees ten thousand) only.
4. EMD: 341500/- (Rupees three lakh forty one thousand five hundred) only.
5. Date and time available in web portal: 10 hrs. of 18th Sept. 2023 to 17 hrs. of dt.17th Oct. 2023.
6. Date of opening of technical bid of the tender: 18th Oct. 2023 at 11.00 hrs. Venue: DPC, Conference Hall, Balangir.
7. The bidders have to participate in offline bidding only. Further detail can be seen from the Web Portal (http//www.balangir.nic.in).
8. Any corrigendum / addendum will be displayed in the above web portal.
Sd./- District Education Officer & DPC
Samagra Shiksha, Balangir
OIPR-27071/11/0002/2324

## ସଂକ୍ଷେପରେ

### ବ୍ରାହ୍ମଣୀ ନଦୀକୁ ଡେଇଁ ଯୁବକ ଗୁରୁତର

ଧର୍ମଶାଳା,୧୭।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ବ୍ରିଜରୁ ନଦୀକୁ ଡେଇଁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଦେଉଳି ଗ୍ରାମର ଗାଡି ଡ୍ରାଇଭର ପଙ୍କଜ ସ୍ୱାଇଁ (୩୫)। ପାରିବାରିକ କଳହ ଯୋଗୁ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ସେ ରବିବାର ଅପରାହ୍ନରେ ନଦୀକୁ ଡେଇଁ ପଡ଼ିଥିଲେ। ସେଠାରେ ଥିବା ପ୍ରତ୍ୟକ୍ଷଦର୍ଶୀମାନେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଦମକଳ ବାହିନୀକୁ ଜଣାଇଥିଲେ। ନଦୀକୁ ଡେଇଁବା ପରେ ପଙ୍କଜ ଭାସି ଯାଇ ନଦୀ ମଝିରେ ଥିବା ଏକ କୁଦିଆରେ ଅଟକି ଯାଇଥିଲେ। କୁଆଖିଆ ଓ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଗୀତା ମେହେଟ୍ଟାଙ୍କ ବିୟୋଗରେ ପୂର୍ବତନ ବିଧାୟକଙ୍କ ଶୋକ

ଧର୍ମଶାଳା,୧୭।୯(ବଟକୃଷ୍ଣ ପରିଡ଼ା): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କନ୍ୟା ତଥା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖିକା ଗୀତା ମେହେଟ୍ଟାଙ୍କ ବିୟୋଗରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଶୋକବ୍ୟକ୍ତ କରିଛନ୍ତି। ଗୀତାଙ୍କ ବିୟୋଗରେ କଳା ଓ ସାହିତ୍ୟ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ସେ ପ୍ରକାଶ କରିଛନ୍ତି। ଇଂଲିଶ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ପାଇଁ ତାଙ୍କର ବିଶ୍ୱ ଦରବାରରେ ପରିଚୟ ରହିଥିଲା। ସେ ଏକାଧାରରେ ଜଣେ ଲେଖିକା, ଚଳଚ୍ଚିତ୍ର ନିର୍ମାତା ତଥା ସାମ୍ବାଦିକା ଥିଲେ। ଓଡ଼ିଶାର କଳା, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟକୁ ପ୍ରଚାର ପ୍ରସାର କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ଲାବଣ୍ୟ କହିଛନ୍ତି। ଏଥିସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ଏବଂ ସାନଭାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମବେଦନା ଜଣାଇଛନ୍ତି।

### ଗାଁ ମୁରବିଙ୍କ ପରଲୋକ

ବ୍ରହ୍ମବରଦା,୧୭।୯(ଯଯାତି କେଶରୀ ବେହେରା) ଯାଜପୁର ବ୍ଲକ୍ ଖାଲପଡ଼ା ପଞ୍ଚାୟତ ନୀଳକଣ୍ଠପୁର ଗାଁ ମୁରବି ତଥା ସରକାରୀ ଅମିନ ମାନସ କୁମାର ଜେନା(୭୯)ଙ୍କ ପରଲୋକ ହୋଇଯାଇଛି। ରବିବାର ଦେହଖରାପ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ବରୀ ବ୍ଲକ୍ ଅଧ୍ୟକ୍ଷ ଅଶୋକ ଗେଡ଼ି, ଖାଲପଡ଼ା ସରପଞ୍ଚ ଭାରତୀ ମଲ୍ଲିକ ଓ ସମିତିସଭ୍ୟ ନିର୍ମଳ ସାମଲ ପହଞ୍ଚି ଶେଷଦର୍ଶନ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ଖାଦ୍ୟ ନାଁରେ ଜହର ବିକୁଛନ୍ତି ହୋଟେଲ ମାଲିକ

- ଖାଦ୍ୟ ନିରାପତ୍ତା ବିଭାଗର କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ
- ବିନା ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସରେ ଚାଲୁଛି ଶତାଧିକ ହୋଟେଲ



କୋରେଇ,୧୭।୯(ଚନ୍ଦ୍ରକାନ୍ତ ପତି): ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ପାଣିକୋଇଲି ନିକଟରୁ ଏନ୍‌ଏଚ୍ ୨୦ ରଗଡ଼ି ଛକ ଓ ଯାଜପୁର ରୋଡ୍ ଆଦି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବେଆଇନଭାବେ ଶତାଧିକ ହୋଟେଲ ଓ ଢାବା ସହିତ ହଜାରରୁ ଊର୍ଦ୍ଧ୍ୱ ଫାଷ୍ଟଫୁଡ଼ ଦୋକାନ ଗଢ଼ିଉଠିଛି। ଏଠାରେ ଖାଦ୍ୟ ନାଁରେ ଲୋକଙ୍କୁ ଜହର ଦିଆଯାଉଥିବା ଅଭିଯୋଗ ହୋଇଛି। ମାଲିକମାନେ ସାଧାରଣ ଲୋକଙ୍କୁ ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ବଡ଼କଥା ହେଉଛି ୯୦ ପ୍ରତିଶତ ହୋଟେଲରେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ(ଏଫ୍‌ଏସ୍‌ଏସ୍‌ଏଆଇ)ର ଲାଇସେନ୍ସ ନାହିଁ। ଖାଦ୍ୟ ନିରାପତ୍ତା ବିଭାଗର କେତେଜଣ ଅଧିକାରୀଙ୍କୁ ମାସିକ ହାତଗୁଞ୍ଜା ଦେଇ ଅଧିକାଂଶ ହୋଟେଲ ସୁରକ୍ଷିତ ଭାବେ ଚାଲୁଛି। ଶତାଧିକ ହୋଟେଲରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଦିଆଯାଉଛି। ଅନେକସ୍ଥାନରେ ଦିନେ ରୋଷେଇ କରି ଉକ୍ତ ଖାଦ୍ୟକୁ ଶେଷ ନ ହେବା ଯାଏ ୪-୫ ଦିନ ରଖି ବିକ୍ରି କରାଯାଉଛି। ସେହିପରି ଅନେକ ଫାଷ୍ଟଫୁଡ ଦୋକାନୀ ମଧ୍ୟ କ୍ଷତିରୁ ବଞ୍ଚିବାକୁ ଏହି ପ୍ରଣାଳୀ ଆପଣାଉଥିବା ପରିଲକ୍ଷିତ ହେଉଛି। ଫଳରେ ଏହାର ପ୍ରଭାବ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ହୋଟେଲ ଓ ଫାଷ୍ଟଫୁଡ଼ ଦୋକାନଗୁଡ଼ିକର ବାସୀ ଖାଦ୍ୟ ଖାଇ ହଜାର ହଜାର ଲୋକ ରୋଗଗ୍ରସ୍ତ ହେଉଥିବା ନଜରକୁ ଆସୁଛି। ଜିଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ଥିବାରୁ ହୋଟେଲ ମାଲିକମାନେ ବାସୀ ଖାଦ୍ୟ ଲୋକଙ୍କୁ ପରଷୁଛନ୍ତି।

କେବେ କେମିତି ଚଢ଼ାଉ କରି ସାମାନ୍ୟ ଅର୍ଥ ଆଦାୟ କରି ଖାଦ୍ୟ ନିରାପତ୍ତା ବିଭାଗର ଅଧିକାରୀ ନିଜ ପକେଟ ଗରମ କରି ଚାଲିଯାଉଥିବା ଚର୍ଚ୍ଚା ହେଉଛି। ଫଳରେ ହୋଟେଲ ମାଲିକଙ୍କ ମନମାନି ବଢ଼ି ଚାଲିଛି। ଗ୍ରାହକଙ୍କୁ ମନ ମୁତାବକ ବାସୀ ଖାଦ୍ୟ ବିକ୍ରି କରି ମୋଟା ଅଙ୍କର ଅର୍ଥ ଅସୁଲ କରାଯାଉଛି। ବିଶେଷ କରି ଯାଜପୁର ଜିଲାରେ ଏହା ବଢ଼ି ଚାଲିଛି। ସେହିପରି ଯାଜପୁର ରୋଡର କେତେକ ହୋଟେଲରେ ସୁସ୍ୱାଦୁ ଖାଦ୍ୟ ପାଇଁ ବ୍ୟାପକ ଭାବେ କେମିକାଲ ତଥା ରାସାୟନିକ ପଦାର୍ଥ ମିଶାଇ ଖାଦ୍ୟ ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଏହାକୁ ଯାଞ୍ଚ କରାଯାଉନାହିଁ। ଟଙ୍କା ଦେଇ ଲୋକେ ଖାଦ୍ୟ ନାମରେ ଜହର କିଣୁଥିବା ଅଭିଯୋଗ ହେଉଛି। ଫଳରେ ଜିଲା ସ୍ୱାସ୍ଥ୍ୟ ଓ ଖାଦ୍ୟ ନିରାପତ୍ତା ବିଭାଗ ନିଷ୍କ୍ରିୟ ଥିବା ପରି ମନେ ହେଉଛି। ଏ ସମ୍ପର୍କରେ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ରକେଶ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲା ଦାୟିତ୍ୱରେ ଅଛନ୍ତି। ହେଲେ କର୍ମଚାରୀ ଅଭାବରୁ ସେତେଟା ଧରପଗଡ଼ ହୋଇପାରୁନାହିଁ। ଯେଉଁ ଅଞ୍ଚଳରୁ ଅଭିଯୋଗ ଆସୁଛି ସେଠାରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅନ୍ୟପକ୍ଷରେ ଜିଲାର ସମସ୍ତ ଅଞ୍ଚଳରେ ଚଢ଼ାଉ କରାଯିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି।

# ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

କାଳିଆପାଣି,୧୭।୯(ଅସିତ ମହାନ୍ତ): ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ରବିବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତାକଡ଼ରେ କମ୍ପାନୀମାନେ ବହୁ ଯାକଜକମରେ ପୂଜା କରୁଥିବା ଦେଖିବାକୁ ମିଳିଛି। ଟାଟାଷ୍ଟିଲ, ଓଏମ୍‌ସି ସୁକୁରୁଙ୍ଗୀ, ସାଉଥ୍ କାଳିଆପାଣି ଖଣି, ଇମ୍ଫା କମ୍ପାନୀର ମହାଗିରି, ସୁକିନ୍ଦା ଖଣି, ବେଦାନ୍ତ ଫେକରକମ୍ପାନୀର ଓସ୍ତପାଳ, କଳରଙ୍ଗୀ ଖଣି, ବାଲେଶ୍ୱର ଆଲୟଜ ଖଣି, ଜିନ୍ଦଲ ଖଣି, ଡେକୋ, ନାରାୟଣୀ, ଓଡ଼ିଶା ମୋଟର ଆଦି କମ୍ପାନୀ ନିଜନିଜ କମ୍ପାନୀ କଲୋନୀ ଖଣି ପରିସରରେ ପୂଜା ମଣ୍ଡପ ଓ ତୋରଣ କରି ପୂଜା କରୁଛନ୍ତି। ସାଉଥ୍ କାଳିଆପାଣି ଖଣି ପରିଚାଳକ ଗଣେଶ୍ୱର ଭୂୟାଁ, ସୁକୁରୁଙ୍ଗୀ ଖଣି ପରିଚାଳକ ମନୋଜ ସେଠୀ ଓ ବେଦାନ୍ତର ଏମ୍. ମୁଥୁମାରି ପ୍ରମୁଖ ଉପସ୍ଥିତି ରହି କର୍ମଚାରୀଙ୍କ ସହ ପୂଜା ପାଳନ କରିଛନ୍ତି। ସେହିପରି ତାରିଣୀ ବଜାରରେ ଥିବା ଗ୍ୟାରେଜ, ଗଣେଶ ବଜାର ଗ୍ୟାରେଜ ଆଦି ସ୍ଥାନରେ ପୂଜା ଖୁବ୍ ଯାକଜକମରେ ପାଳନ କରାଯାଇଛି।

# ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଚାଳକ ଦିବସ



ଚାଳକ ଦିବସରେ ଯୋଗଦେଇଥିବା ଓଡ଼ିଶା ମୋଟରଚାଳକ ସଂଘର କର୍ମକର୍ତ୍ତା।

ରସୁଲପୁର,୧୭।୯(ରଞ୍ଜିତ ରାଉତ): ଓଡ଼ିଶା ମୋଟର ଚାଳକ ସଂଘ କୁଆଖିଆ ଶାଖା ପକ୍ଷରୁ ଚାଳକ ଦିବସ ପାଳିତ ହୋଇଯାଇଛି। ଚାଳକାମାନେ ବହୁ ଅଭାବ ଅସୁବିଧାରେ କାଳ କାଟୁଛନ୍ତି। ସେମାନଙ୍କ ସମସ୍ୟାକୁ ଦୂର କରିବାରେ ସରକାର ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଚାଳକମାନେ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ସଂଘ ପକ୍ଷରୁ ସରକାରଙ୍କ ଆଗରେ ରଖାଯାଇଥିବା ଦାବିଗୁଡ଼ିକୁ ପୂରଣ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଏହି ଅବସରରେ ଆୟୋଜିତ ବୈଠକରେ ଦାବି କରାଯାଇଛି। ସଂଘର କୁଆଖିଆ ଶାଖା ସମ୍ପାଦକ ରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଂଘ କାର୍ଯ୍ୟକାରଣୀ ସଦସ୍ୟ ରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଳକମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ନେତା ବିଜୟ ମହାନ୍ତି, ଜୟଦେବ ଗୁରୁ, ଜଗନ ମଲିକ, ସୁରେନ୍ଦ୍ର ବେହେରା, ହାଜି ଖାନ୍, ହ୍ୟୁମାନ ଖାନ୍, ନରେନ୍ଦ୍ର ବେହେରା, ଅଜୟ କୁମାର ପଣ୍ଡା ଓ ଉତ୍ତମ କୁମାର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଳକ ଯୋଗ ଦେଇଥିଲେ।

**ଚାଳକଙ୍କ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ**

# ଜଳବନ୍ଦୀରେ ବଳଭଦ୍ରପୁର ଗ୍ରାମବାସୀ



ବଳଭଦ୍ରପୁର ଗ୍ରାମରେ ବର୍ଷାପାଣି ଜମି ରହିଛି ।

ଜେନାପୁର,୧୭।୯(ଅଶୋକ ଦାସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ୯ ନମ୍ବର ୱାର୍ଡବାସୀ ପାଣି ଘେରରେ ରହିଥିବା ଦେଖିବାକୁ ମିଳିଛି। ଏହି ଗ୍ରାମରେ ୩୦୦ ଲୋକ ବସବାସ କରୁଛନ୍ତି। ସେମାନଙ୍କ କହିବା ମୁତାବକ, ପ୍ରତିବର୍ଷ ବର୍ଷା ଋତୁରେ ଏକ ପ୍ରକାର ଜଳବନ୍ଦୀ ଜୀବନ ଯାପନ କରୁଛନ୍ତି। ଏହି ଜଳବନ୍ଦୀର ମୁଖ୍ୟ କାରଣ ଏରାସ୍ତା ଖାଲୁଆ ହୋଇଥିବା ବେଳେ ଡ୍ରେନେଜ ବ୍ୟବସ୍ଥା କରାଯାଇନାହିଁ। ଜନପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ ପାଣି ନିଷ୍କାସନ ବ୍ୟବସ୍ଥା ହେଉନାହିଁ। ସେମାନେ ବର୍ଷାଋତୁ ଆରମ୍ଭରୁ ଶେଷଯାଏ ପ୍ରାୟ ୪ ମାସ ଧରି ଏହି ସମସ୍ୟା ଭୋଗୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗାଁ ଭିତର ରାସ୍ତା କଂକ୍ରିଟ ହୋଇଥିଲେ ମଧ୍ୟ ତାହା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣିର ଲହଡ଼ି ଦେଖିବାକୁ ମିଳିଛି। ପରିସ୍ଥିତି ଏମିତି ହୋଇଛି ପାନୀୟ ଜଳଯୋଗାଣ ପାଇଁ ବସାଯାଇଥିବା ଟ୍ୟାପ୍ ମଧ୍ୟ ପାଣିଘେରରେ ରହିଛି। ମହିଳାମାନେ ପିଇବା ପାଣି ଆଣିବାକୁ ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଛି। ପାଣିରେ ପଶି ଛୋଟଛୋଟ ପିଲାମାନେ ସେହି ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ଯିବା ଆସିବା କରୁଛନ୍ତି। ଏହାଦ୍ୱାରା ଛୋଟଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ଏହି ଆବର୍ଜନା ପାଣିରେ ଯିବା ଆସିବା କରିବା ଦ୍ୱାରା ଲୋକଙ୍କ ଗୋଡ଼ ବାଲି ଖାଇବା, କଣ ନଖା, ଗୋଡ଼ କୁଣ୍ଡେଇ ହେବା ଆଦି ଚର୍ମ ରୋଗ ଦେଖା ଦେବା ସହିତ ଅଧିକ ସଂକ୍ରମିତ ହେବା ସମ୍ଭାବନା ରହିଛି। କେତେଜଣ ପରିବାର ବଡ଼ବଡ଼ ପଥର ପକାଇ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି। ଆବର୍ଜନା ପାଣି ଦୁର୍ଗନ୍ଧ ହେଉଥିବାରୁ ଲୋକେ ଘରେ ଭଲରେ ଖାଇ ପିଇ ପାରୁ ନାହାନ୍ତି। ସେମାନଙ୍କ ଘରେ ସାପ ଓ ବେଙ୍ଗ ପଶି ଯାଉଛନ୍ତି। ଯାହାକୁ ନେଇ ଲୋକେ ଭୟଭୀତ ହୋଇ ପଡୁଛନ୍ତି। ତେଣୁ ବ୍ଲକ୍ ପ୍ରଶାସନ ତୁରନ୍ତ ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି**

କାଏମା ରାସ୍ତା ପ୍ରଶସ୍ତୀକରଣ ଘଟଣା

# ପୁନର୍ବିଚାର ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

କାଏମା,୧୭।୯(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ତହସିଲ ଅନ୍ତର୍ଗତ କାଏମାଠାରୁ ଶାନ୍ତିବଜାର ରାସ୍ତା ପ୍ରଶସ୍ତୀକରଣ ପାଇଁ କାଏମା ବଜାରରେ ମାପଚୁପକୁ ନେଇ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୁନର୍ବାର ରବିବାର ସନ୍ଧ୍ୟାରେ ଶହେରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଭେଟି ସମସ୍ୟା ବିଷୟରେ ଆଲୋଚନ କରିଛନ୍ତି। ଆଲୋଚନାବେଳେ ଏହାର ପୁନର୍ବିଚାର କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ କହିଛନ୍ତି, ରାସ୍ତା ପ୍ରଶସ୍ତୀକରଣର କାର୍ଯ୍ୟର ପୁନର୍ବିଚାର କରାଯିବା ପାଇଁ ସେ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବେ। ପ୍ରଥମେ ସରକାରୀ ଜମି ଓ ଆବଶ୍ୟକସ୍ଥଳେ ଘରୋଇ ଜମି ନିଆଯିବା ସହ ଯେଉଁ ମାପଚୁପ କରାଯାଇଛି ତାହା ଉପରେ ଆଲୋଚନା କରିବେ। ବିଧାୟକଙ୍କ ସହ ଆଲୋଚନାବେଳେ ବଜାର ସଭାପତି ବ୍ରହ୍ମାନନ୍ଦ ରାଉତ, ପ୍ରଦୀପ୍ତ କିଶୋର ମହଲା, ମାନସ ରଞ୍ଜନ ମଲ୍ଲିକ, ଉମେଶ ପୃଷ୍ଟି, ସୁରେନ୍ଦ୍ର ଦାସ, ଚିତ୍ତରଞ୍ଜନ ପୃଷ୍ଟି, ମଧୁସୂଦନ ସାହୁ, ନିକୁଞ୍ଜ ବେହେରା ଓ ଶିଶିର ମାହାଣା ପ୍ରମୁଖ ଅନେକ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ଦଶରଥପୁର ବ୍ଲକ୍ ସମିତି ସଭ୍ୟ ସଂଘ ଗଠିତ

ଝୁମ୍ପୁରୀ,୧୭।୯(ସରୋଜ ନାୟକ): ଦଶରଥପୁର ବ୍ଲକ୍‌ରେ ସମିତିସଭ୍ୟ ସଂଘ ଗଠନ କରାଯାଇଛି। ବ୍ଲକ୍ ଅନ୍ତର୍ଗତ ଡାହାଣହତା ପଞ୍ଚାୟତସ୍ଥ କୁଆଁସ ମଙ୍ଗଳା ମଣ୍ଡପ ପରିସରରେ ରବିବାର ଏହି ସଂଘ ଗଠନ କରାଯାଇଛି। ସଂଘର ପ୍ରଥମ ବୈଠକରେ ବିରଜାପୁର ସମିତିସଭ୍ୟ ସନ୍ତୋଷ କୁମାର ରାୟ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକଙ୍କ ସମେତ ୩୫ ପଞ୍ଚାୟତର ସଭ୍ୟାସଭ୍ୟ ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ସଂଘ ସଭାପତିଭାବେ ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା। ଉପସଭାପତିଭାବେ କମାରଡିହ ସମିତିସଭ୍ୟା ସଜନୀ ଜେନା, ସମ୍ପାଦକ ପାଲଟପୁର ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ସହସମ୍ପାଦକଭାବେ ତଳିହା ସମିତିସଭ୍ୟା ନମିତା ମିଶ୍ର ଓ କୋଷାଧ୍ୟକ୍ଷଭାବେ ବିରଜାପୁର ସମିତିସଭ୍ୟ ସନ୍ତୋଷ କୁମାର ରାୟଙ୍କ ନାମ ଘୋଷଣା କରାଯାଇଛି। ବ୍ଲକ୍‌ର ୩୫ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଏହି ବୈଠକରେ ଯୋଗଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ୧୨ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।



ଜାତୀୟ ରାଜପଥର ଚଣ୍ଡିଖୋଲ ଛକରେ ହୋଇଥିବା ଗର୍ତ୍ତରେ ଲୋକେ ଧାନତଳି ରୋଇ ପ୍ରତିବାଦ କରୁଛନ୍ତି।

# ଧାନ ତଳି ରୋପଣ କରି ପ୍ରତିବାଦ

**ଜାତୀୟ ରାଜପଥରେ ଗର୍ତ୍ତ ମରାମତି ହେଉନି**

ଚଣ୍ଡିଖୋଲ,୧୭।୯(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲାର ଚଣ୍ଡିଖୋଲ ଛକ ହେଉଛି ୨ ଜାତୀୟ ରାଜପଥର ମିଳନ ସ୍ଥଳ। ଏହି ଛକରେ ୧୬ନଂ. ଓ ୫୩ନଂ. ଜାତୀୟ ରାଜପଥର ମିଳନ ହୋଇଛି। ଦୀର୍ଘ ଦିନ ହେବ ଏହି ଛକରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ୨ ଫୁଟରୁ ଅଧିକ ଏହି ଗର୍ତ୍ତଟିର ପରିଧି ୮ ଫୁଟରୁ ୧୦ ଫୁଟ ହେବ। ବର୍ଷା ସମୟରେ ଗର୍ତ୍ତରେ ପାଣି ଭର୍ତ୍ତିହୋଇ ରହିବା ଯୋଗୁ ଦୈନିକ ଦୁର୍ଘଟଣା ଘଟୁଛି। ମାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାର ମରାମତି ନ କରିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରବିବାର ଅପରାହ୍ନରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଉପରେ ଧାନ ତଳି ରୋପଣ ଏହାର ପ୍ରତିବାଦ କରିଛନ୍ତି। ସ୍ଥାନୀୟ କ୍ଷେତ୍ରପାଳ ଓ ନୂଆ ସୁଙ୍ଗୁଡା ଗ୍ରାମର ମାନଗୋବିନ୍ଦ ଦାସ, ସମ୍ବିତ ରାଉତରାୟ, ସର୍ବେଶ୍ୱର ବାରିକ ଓ ମାନସ ରଞ୍ଜନ ଖଣ୍ଡେଇ ପ୍ରମୁଖ ଧାନ ତଳି ରୋଇ ପ୍ରତିବାଦ ଜଣାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଗର୍ତ୍ତ ୧ ମାସ ହେବ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଉଛି। ହେଲେ କିଛି ସୁଫଳ ନ ମିଳିବାରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଥାପି ଏହାର ସମାଧାନ ନ ହେବାରୁ ଏଭଳି ପ୍ରତିବାଦ କରିଛନ୍ତି। ନିୟମ ଅନୁଯାୟୀ ଜାତୀୟ ରାଜପଥର ଯେକୌଣସି ସ୍ଥାନରେ ଖାଲଖମା ସୃଷ୍ଟି ହେବ ଏହାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ମରାମତି କରିବେ। ସେଥିପାଇଁ ଠିକାଦାର ନିଯୁକ୍ତି ହୋଇଛନ୍ତି ଏବଂ ପ୍ରତ୍ୟେକ ରାଜପଥରେ ଟୋଲ ଗେଟ ରହିଛି। ଏବେ ଦେଖିବାକୁ ଅପେକ୍ଷା କେବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାର ମରାମତି କରୁଛନ୍ତି।

# ଗୋଦାମ ସୁପରଭାଇଜର ନିଖୋଜ

ରସୁଲପୁର,୧୭।୯(ରଞ୍ଜିତ ରାଉତ): କୁଆଖିଆ ଥାନା ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମର ଲିପୁ ଓରଫ୍ ବରୁନ ବର୍ମନ(୪୦) ୩ଦିନ ହେବ ଘରୁ କାର୍ଯ୍ୟକ୍ଷେତ୍ରକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ କଟକ ଜିଲାର ଜଗତପୁରସ୍ଥିତ ଏକ ଗୋଦାମରେ ସୁପରଭାଇଜର କାର୍ଯ୍ୟ କରନ୍ତି। ଘରୁ ଗୋଦାମକୁ ଯାଇ ଫେରି ନାହାନ୍ତି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ପୁଅକୁ ଠାବ କରିବାରେ ବିଫଳ ହୋଇ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଗତ ୧୩ ତାରିଖ ଦିନ ଲିପୁ କାର୍ଯ୍ୟକ୍ଷେତ୍ରରୁ ଘରକୁ ଆସିଥିଲେ। ଦେହ ଅସୁସ୍ଥ ଥିବାରୁ ୧୪ ତାରିଖରେ ପରିବାର ଲୋକେ ତାଙ୍କୁ ଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେହିଦିନ ଡାକ୍ତରଖାନାରୁ ଘରକୁ ଫେରିଥିଲେ। ପରଦିନ ଅର୍ଥାତ ୧୫ ତାରିଖ ସନ୍ଧ୍ୟାରେ ସେ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ସେହିଦିନ ରାତି ୯ଟାରେ ତାଙ୍କ ପରିବାର ଲୋକଙ୍କ ନିକଟକୁ ଖବର ଆସିଥିଲା କି ଲିପୁ ଜଗତପୁର ଗୋଦାମକୁ ଆସିଛନ୍ତି। ଏହାଜାଣି ପରିବାର ଲୋକେ ରାତି ୧୧ଟାରେ ଜଗତପୁରରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର ସେଠାରେ ଠାବ କରିବାରେ ବିଫଳ ହୋଇଥିଲେ। ଏହାରି ଭିତରେ ୩ଦିନ ବିତି ଯାଇଥିଲେ ସୁଧା ତାଙ୍କ ସନ୍ଧାନ ମିଳି ପାରୁନାହିଁ। ପୋଲିସ ତାଙ୍କୁ ଠାବ କରିବାରେ ସହଯୋଗ କରିବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

# ଆୟୁଷ ଡାକ୍ତରଙ୍କ ଭରସାରେ ରୋଗୀ

**ଦର୍ପଣ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

- ଏଲୋପାଥିକ ଡାକ୍ତର, ଫାର୍ମାସିଷ୍ଟ ଅସୁନାହାନ୍ତି




ଚଣ୍ଡିଖୋଲ,୧୭।୯(ପ୍ରଦୀପ୍ତ କୁମାର ପୃଷ୍ଟି): ଗ୍ରାମାଞ୍ଚଳରେ ଦେଖିବାକୁ ମିଳୁଛି ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର। ସମସ୍ତେ ନିଯୁକ୍ତି ପାଇଛନ୍ତି। ହେଲେ କାହାର ଦେଖା ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ରୋଗୀଙ୍କ ଏକମାତ୍ର ଭରସା ପାଲଟିଛନ୍ତି ଆୟୁଷ ଡାକ୍ତର। ସେ କାମଚଳା ରୋଗୀ ଦେଖୁଛନ୍ତି। ହେଲେ ଜରୁରୀକାଳୀନ ଚିକିତ୍ସା ବେଳେ ହାତ ଟେକି ଦେଉଛନ୍ତି। ଏଲୋପାଥିକ ଡାକ୍ତର ନିଯୁକ୍ତ ଥିବାବେଳେ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ରୋଗୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଦର୍ପଣୀ ଡାକ୍ତରଖାନାରେ। ଏହି ଡାକ୍ତରଖାନାକୁ ଅଧିକ ସଂଖ୍ୟକ ରୋଗୀ ଆସୁଥିବାରୁ ବିଭାଗ ପକ୍ଷରୁ ଜଣେ ସ୍ଥାୟୀ ଏଲୋପାଥିକ ଡାକ୍ତର, ଜଣେ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ନିଯୁକ୍ତ କରାଯାଇଛି।

ଆୟୁଷ ଡାକ୍ତର ନିୟମିତଭାବେ ରୋଗୀଙ୍କୁ ଚିକିତ୍ସା କରି ଔଷଧ ଦେଉଥିବା ବେଳେ ନିଯୁକ୍ତ ମହିଳା ଫାର୍ମାସିଷ୍ଟ ସପ୍ତାହରେ ଏକାଧିକ ଦିନ ଅସୁସ୍ଥତା ଦର୍ଶାଇ ଅନୁପସ୍ଥିତ ରହୁଛନ୍ତି। ମହିଳା ଫାର୍ମାସିଷ୍ଟ ଜଣକ ସରକାରୀ ଡାକ୍ତରଖାନାରେ ଅନୁପସ୍ଥିତ ରହି ଏକ ଘରୋଇ ଚିକିତ୍ସାଳୟରେ କାମ କରିବାନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ କର୍ମଚାରୀଙ୍କ ଲାଭଖୋର ମନବୃତ୍ତି ଯୋଗୁ ସରକାରୀ ଡାକ୍ତରଖାନା ଉପରୁ ରୋଗୀଙ୍କ ଭରସା ତୁଟି ଯାଉଥିବା ଅଭିଯୋଗ ହୋଇଛି। ସବୁଠାରୁ ସମ୍ବେଦନଶୀଳ ଘଟଣା ହେଉଛି ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଏକାଧିକ ଗାଁ ଲୋକଙ୍କ ସମେତ ଦୁର୍ଘଟଣା ଜନିତ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ନିଯୁକ୍ତ ହୋଇଥିବା ଏଲୋପାଥିକ ଡାକ୍ତରଙ୍କୁ କେହି କେବେବି ଗୋଟିଏ ଦିନ ଦେଖି ନ ଥିବା କହୁଥିବା ବେଳେ ଆଉ କେତେଜଣ ଲୋକ କହୁଛନ୍ତି କାଁଭାଁ ସପ୍ତାହର ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଆସି ମଧ୍ୟାହ୍ନ ୧୨ଟାରେ ଡାକ୍ତର ପଳାଇଯାଉଛନ୍ତି। ବଡ଼ଚଣା ମେଡିକାଲ ଅଫିସରଙ୍କୁ ଅନ୍ଧାରରେ ରଖି ଡାକ୍ତର ଜଣକ କର୍ତ୍ତବ୍ୟରେ ବହୁ ଅବହେଳା କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏଥିପ୍ରତି ଯାଜପୁର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଟ୍ରେନିଂରେ କଟକରେ ଅଛନ୍ତି। ଫେରିଲା ପରେ କିଛି କହିପାରିବେ।

# ବିଲରୁ ଜଳ ନିଷ୍କାସନ ଦାବିରେ ବିକ୍ଷୋଭ

ଜଗତ୍‌ସିଂହପୁର, ୧୭।୯
(ପ୍ରମୋଦ କୁମାର ନାୟକ)

ଅସରାଏ ବର୍ଷା ହେଲେ ଜିଲାର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନରେ ସମସ୍ୟା ହେଉଛି। ପ୍ରତିବର୍ଷ ଏହାର ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ହୋଇ ଆସୁଥିଲେ ସୁଦ୍ଧା କିଛି ଫଳ ମିଳୁନି। ତେଣୁ ଜନ ଅସନ୍ତୋଷ ଦାନା ବାନ୍ଧୁଛି। ଏହାର ପ୍ରତିବାଦରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଢ଼ଙ୍ଗ ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଚାଷୀମାନେ ଜଗତ୍‌ସିଂହପୁର ସହରରେ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା ଗତ ୭ ତାରିଖରୁ ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ରାଢ଼ଙ୍ଗ ଗ୍ରାମ ପଞ୍ଚାୟତର ରାଢ଼ଙ୍ଗ, କଳିଙ୍ଗା ଓ ଜିରା ଆଦି ଗ୍ରାମର ଶତାଧିକ ଏକର ଚାଷ ଜମିରେ ପାଣି ଜମି ରହିଛି। ଏହାପରେ ୧୩ ତାରିଖ ଲଘୁଚାପ ବର୍ଷା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ବିଲରେ ଧାନ ଚାଷ ହୋଇଥିବାବେଳେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ଏହା କ୍ଷତିଗ୍ରସ୍ତ ହୋଇଛି। କେନାଲ ନଂ. ୭, ୮, ୯ ଓ ୧୦ରେ ଅନବରତ ଜଳ ପ୍ରବାହ ଚାଲିଛି। ବର୍ଷା ସାଙ୍ଗକୁ କେନାଲ ପାଣି ଯୋଗୁ ବିଲରେ ୪/୫ ଫୁଟ ଉଚ୍ଚରେ ପାଣି ଜମା ରହିଛି। ଏ ସମ୍ପର୍କରେ ଡ୍ରେନେଜ୍ ଡିଭିଜନ, କୃଷି ଓ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଅବଗତ କରି ତୁରନ୍ତ ପ୍ରତିକାର ନ କଲେ ସମସ୍ତ ଧାନ ନଷ୍ଟ ହୋଇଯିବ ବୋଲି କୁହାଯିବ। ପରେ ମଧ୍ୟ କିଛି ଫଳ ମିଳୁନି। ଏଥିଯୋଗୁ କ୍ଷତିଗ୍ରସ୍ତ ଚାଷୀ ମୁଣ୍ଡରେ ହାତ ବାନ୍ଧି ବସିଛନ୍ତି । ବାଧ୍ୟ ହୋଇ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିବା କହିଛନ୍ତି। ଏବେ ପ୍ରଶାସନ ଧାନ ବିଲରେ ଜମି ରହିଥିବା ପାଣିର ତୁରନ୍ତ ନିଷ୍କାସନ ବ୍ୟବସ୍ଥା କରିବା ସହ କେନାଲଗୁଡିକରେ ଜଳପ୍ରବାହ ସୁପରିଚାଳନା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ରାଶି, ସରକାରୀ ଉଠା ଜଳସେଚନ ବ୍ୟବସ୍ଥା ଓ ବ୍ୟକ୍ତିଗତ ଭାବେ ଚାଷୀଙ୍କୁ ଫସଲ ବୀମା ରାଶି ପ୍ରଦାନ କରାଯିବା ଜରୁରୀ ବୋଲି ଦାବି ହୋଇଛି। ଏହି ଆନ୍ଦୋଳନରେ ଦେବୀପ୍ରସାଦ ମହାରଣା, ଶୁକଦେବ ଜେନା, ପିତବାସ ବାରିକ, ବୀରକିଶୋର ରାଉତ, ଅଭୟ କୁମାର ଜେନା, ବସନ୍ତ ରାଉତ, ବିଷ୍ଣୁ ଚରଣ ସ୍ୱାଇଁ, ପ୍ରଭାକର ସ୍ୱାଇଁ ଓ ନିବାସ ଚନ୍ଦ୍ର ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରଦୀପ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

**ଲଘୁଚାପଜନିତ ଲଗାଣ ବର୍ଷାରେ ଧାନ ଫସଲ କ୍ଷତିଗ୍ରସ୍ତ**

- କେନାଲରେ ଜଳ ପ୍ରବାହ ସୁପରିଚାଳନା ହେଉ
- କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ
- ଉଠା ଜଳସେଚନ ବ୍ୟବସ୍ଥା ଓ ଫସଲ ବୀମା ରାଶି ପ୍ରଦାନ କରାଯାଉ

## ସଂକ୍ଷେପରେ

### ଭାଜପା କୃଷକ ମୋର୍ଚ୍ଚାର ବିବିଧ କାର୍ଯ୍ୟକ୍ରମ

ତିର୍ତ୍ତୋଲ, ୧୭।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଓ ଜନହିତକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଜଗନ୍ନାଥପୁର ସାଇମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ସାମୂହିକ ଦୀପଦାନ କରାଯାଇଥିଲା। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ୭୪ ଦୀପ ଦାନ କରିଥିଲେ। ଏଥିସହ ପଞ୍ଚାୟତର ଚନ୍ଦାସ୍ଥିତ ମହାଦେବ ମନ୍ଦିର ପରିସରରେ ମହିଳା କୃଷିଜୀବୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷକ ମୋର୍ଚ୍ଚାର ଜିଲା ସଭାପତି ତପନ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସାହୁ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ୪ ମହିଳା କୃଷିଜୀବୀଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ଜଗବନ୍ଧୁ ମହାନ୍ତି, ରାଜ୍ୟ ସମ୍ପାଦକ ବିକ୍ରମ ରାଉତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନାଥ ରାଉତ, ରାଜ୍ୟ ଏସସି ମୋର୍ଚ୍ଚା ଉପସଭାପତି ସ୍ମିତା ପ୍ରଧାନ, ଭାଜପା ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ଜିଲା ଉପସଭାପତି ମୋହିତ ମହାନ୍ତି, ବାଲିକୁଦା ନିର୍ବାଚନ ମଣ୍ଡଳୀ ସଭାପତି ସତ୍ୟ ମହାନ୍ତି ଓ ଜିଲା ସମବାୟ ସଂଯୋଜକ ପ୍ରଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କୁଲଡିହାରୁ ଶିକାରୀ ଗିରଫ

**୨ ଦେଶୀ ବନ୍ଧୁକ ଜବତ**

ନୀଳଗିରି, ୧୭।୯ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟ ଗୋହିରାଭୋଳ ନିକଟରୁ ବନ ବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ୨ ଦେଶୀ ବନ୍ଧୁକ ଜବତ କରିଛି। ଗିରଫ ଶିକାରୀ ହେଲେ ବରହମପୁର ଥାନା କେସିପୁର ପଞ୍ଚାୟତ ବେତକଟା ଅଞ୍ଚଳର ରାମଚନ୍ଦ୍ର କୁସମାଳିଆ (୪୧)। ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ରାମଚନ୍ଦ୍ର କୁଲଡ଼ିହା ଅଭୟାରଣ୍ୟ ଜୋଡ଼ାଚୁଆ ଫରେଷ୍ଟ ବାଲିଆନାଳ ବିଟ୍ ଅଞ୍ଚଳରେ ଶୀକାର କରିବାକୁ ପ୍ରବେଶ କରିଥିଲେ। ଖବର ପାଇ କୁଲଡ଼ିହା ରେଞ୍ଜର ପ୍ରବୀର ମୁର୍ମୁଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀମାନେ ଗୋହିରାଭୋଳଠାରେ ରାମଚନ୍ଦ୍ରଙ୍କୁ ଧରିବା ସହ ତାଙ୍କ ପାଖରୁ ୨ ଦେଶୀ ବନ୍ଧୁକ ଜବତ କରିଥିଲେ। ଚଢ଼ାଉରେ ଫରେଷ୍ଟର ସୌମ୍ୟରଞ୍ଜନ ମାଝି, ଫରେଷ୍ଟ ଗାର୍ଡ଼ ଓ ସବୁଜ ବାହିନୀ ସାମିଲ୍ ଥିଲେ। ଏନେଇ କୁଲଡ଼ିହା ବନ ବିଭାଗ ପକ୍ଷରୁ ମାମଲା (ନଂ.୬-କେ/୨୦୨୩-୨୪) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଚେକ୍ ବାଉନ୍ସ ମାମଲାରେ ୪ ମାସ ଜେଲ

ଭଦ୍ରକ, ୧୭।୯ (ସନାତନ ରାଉତ)

ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ଶନିବାର ଏକ ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ ପାଇଛି। ମାଜିଷ୍ଟ୍ରେଟ ଚିନ୍ମୟ କୁମାର ପାଢ଼ୀ ମାମଲାର ବିଚାର କରି ଦୋଷୀ ଟାଉନ ଥାନା ଅଧୀନ କାଜି ସାହିର ସେକ୍ ମହମ୍ମଦ ରଫିକ୍‌ଙ୍କୁ ୪ ମାସ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି। ଭଦ୍ରକ ଟାଉନ ଥାନା ନରିପୁର(ଅସ୍ଥଳ)ର ଦେବାଶିଷ ମହାପାତ୍ରଙ୍କଠାରୁ ସେକ୍ ମହମ୍ମଦ ରଫିକ୍ ବ୍ୟବସାୟ ପାଇଁ ବିଭିନ୍ନ ସମୟରେ ୩ ଲକ୍ଷ ଟଙ୍କା ଧାର ନେଇଥିଲେ। ପରେ ଧାର ଟଙ୍କା ପରିଶୋଧ ଲାଗି ବ୍ୟାଙ୍କ ଅଫ୍ ଇଣ୍ଡିଆ ଭଦ୍ରକ ଶାଖାର ୩ ଲକ୍ଷ ଟଙ୍କାର ଏକ ଚେକ୍ ସେ ଦେବାଶିଷଙ୍କୁ ଦେଇଥିଲେ। ଚେକ୍ ଦେବା ପରେ ରଫିକ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରି ଦେଇଥିଲେ। ଦେବାଶିଷ ନିଜ ବ୍ୟାଙ୍କ ଆକାଉଣ୍ଟରେ ଚେକ୍ ଜମା କରିବା ପରେ ଆକାଉଣ୍ଟ ବନ୍ଦ ଥିବାରୁ ଟଙ୍କା ଉଠାଣ ନ ହୋଇ ଚେକ୍ ଫେରି ଆସିଥିଲା। ରଫିକ ତାଙ୍କୁ ଠକିଥିବା ଜାଣିବା ପରେ ସେ ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ମାମଲା କରିଥିଲେ। ସାକ୍ଷ୍ୟ ପ୍ରମାଣ ଗ୍ରହଣ ପରେ କୋର୍ଟ ମହମ୍ମଦ ରଫିକଙ୍କୁ ୪ ମାସ ଜେଲ ଦଣ୍ଡ ସହ ଦେବାଶିଷଙ୍କୁ ୩ ଲକ୍ଷ ୬୦ ହଜାର ଟଙ୍କା ଦେବା ପାଇଁ ରାୟ ପ୍ରକାଶ କରିଛନ୍ତି।

# ଦାବି ପୂରଣ ନ ହେଲେ ସପରିବାର ଭୋଟ ବର୍ଜନ ନିଷ୍ପତ୍ତି


ବୈଠକରେ ଯୋଗ ଦେଇଥିବା ୪ର୍ଥ ଶ୍ରେଣୀ ପଞ୍ଚାୟତ କର୍ମଚାରୀମାନେ।

**ଜଗତସିଂହପୁର ଜିଲା ୪ର୍ଥ ଶ୍ରେଣୀ ପଞ୍ଚାୟତ କର୍ମଚାରୀ ସଂଘ ବୈଠକ**

ରଘୁନାଥପୁର, ୧୭।୯
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଜଗତ୍‌ସିଂହପୁର ଜିଲା ୪ର୍ଥ ଶ୍ରେଣୀ ପଞ୍ଚାୟତ କର୍ମଚାରୀ ପିଅନ, ରାତ୍ର ଜଗୁଆଳି ଓ ଝାଡୁଦାର ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ହେବାକୁ ଥିବା ୨୦୨୪ ବିଧାନ ସଭା ନିର୍ବାଚନ ଆଚରଣ ବିଧି ଲାଗିବା ପୂର୍ବରୁ କର୍ମଚାରୀ ସଂଘର ୮ ଦଫା ଦାବି ପୂରଣ ନହେଲେ କର୍ମଚାରୀମାନେ ସପରିବାରେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଓ ୫-ଟି ସଚିବଙ୍କୁ ଲିଖିତଭାବେ ଅବଗତ କରାଯିବ ବୋଲି ସଭାପତି ପ୍ରଭାତ କୁମାର ବେହେରା ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଏଥିପାଇଁ ଦାୟୀ ରହିବେ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଦୀର୍ଘଦିନ ହେବ କର୍ମଚାରୀଙ୍କ ଜୀବନ ଜୀବିକା ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୮ ଦଫା ସମ୍ବଳିତ ଦାବି ପ୍ରଦାନ କରାଯାଇଛି। ସରକାର ଟାଳଟୁଳ ନୀତି ଅବଲମ୍ବନ କରି ବାରମ୍ବାର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପ୍ରତି ଅନ୍ୟାୟ କରିଚାଲିଛନ୍ତି। ଦିନକ ୨୪ ଘଣ୍ଟା ମଧ୍ୟରେ ପିଅନ, ରାତ୍ର ଜଗୁଆଳି ଓ ଝାଡୁଦାରମାନେ ପଞ୍ଚାୟତ କାର୍ଯ୍ୟାଳୟରେ ସେବା ଯୋଗାଇ ଆସୁଥିଲେ ବି ସରକାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରୁନାହାନ୍ତି। ଏପରିକି ସେମାନଙ୍କୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ମଜୁରୀରୁ ଯଥେଷ୍ଟ କମ୍ ପ୍ରଦାନ କରାଯାଉଛି। ଏହା ପୁଣି ନିୟମିତ ପ୍ରଦାନ କରାଯାଉ ନାହିଁ ବୋଲି ସଂଘର ସହ ସମ୍ପାଦକ ଜ୍ୟୁଲି ସେଠି ଅଭିଯୋଗ କରିଛନ୍ତି। ସେମାନଙ୍କ ଦାବି ଗୁଡିକ ମଧ୍ୟରେ ବଜେଟରେ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ, କର୍ମଚାରୀଙ୍କ ସୁରକ୍ଷା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ କର୍ମଚାରୀଙ୍କ ପଦୋନ୍ନତି, କର୍ମଚାରୀମାନଙ୍କୁ ଦୈନିକ ମଜୁରି ୩୪୫ ଟଙ୍କାରୁ ଅଧିକ ପ୍ରଦାନ ସହ ଅନ୍ୟ କେତେକ ଦାବି ରହିଛି। ଦୀର୍ଘବର୍ଷ ଧରି ସରକାର ଆମର ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଏନେଇ ଆଗାମୀ ବିଧାନ ସଭା ନିର୍ବାଚନରେ ୮ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପରିବାର ଭୋଟ ଦାନରୁ ବିରତ ରହିବା ସହ କାର୍ଯ୍ୟରେ ଅସହଯୋଗ କରିବେ ବୋଲି ସମ୍ପାଦକ ସନାତନ ବାରିକ ସତର୍କ କରାଇ ଦେଇଛନ୍ତି। ଏହି ବୈଠକରେ ସଂଘ ଉପସଭାପତି ଶେଖ ଜାକିର ଅଲ୍ଲୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ପରିଡା, ଭାଗ୍ୟଧର ମହାପାତ୍ର, ଭାଗୀରଥି ମହାନ୍ତି, ସର୍ବେଶ୍ୱର ଖଣ୍ଡୁଆଳ, ରଞ୍ଜନ କୁମାର ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ, ରବୀନ୍ଦ୍ର ଦାସ, ରାଜୁ ମହାରଣା, ସନ୍ତୋଷ କୁମାର ଭୋଇ, ସୁବାସ ଚନ୍ଦ୍ର ସେଠୀ, ନିର୍ମଳ କୁମାର ସ୍ୱାଇଁ, ଶିବ ଚରଣ ଖଟୁଆ, ତନୁଲତା ପ୍ରଧାନ, ରୁଦ୍ରନାରାୟଣ ବାରିକଙ୍କ ସହ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୧୭।୯ (କଳ୍ପତରୁ ନାୟକ)

ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ନେତା ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୪ତମ ଜନ୍ମଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଟ୍ଟାମୁଣ୍ଡାଇ ଚନ୍ଦନନଗର ଚନ୍ଦ୍ରମଉଳି ଶୈବ ପୀଠରେ ଦୀପଦାନ କରାଯାଇଥିଲା । କୃଷକ ମୋର୍ଚ୍ଚା ଜିଲା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନ, ସମ୍ପାଦକ ବିକ୍ରମ ରାଉତ ରାଏ, କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସାହୁ, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନାର ଜିଲା ସଂଯୋଜକ ମଗୁଲି ମହାନ୍ତି, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ବିଚିତ୍ର କୁମାର ପ୍ରଧାନ, ସଦାଶିବ ଜେନା, ପଞ୍ଚାନନ ବିଶ୍ୱାଳ ପ୍ରମଖ ଉପସ୍ଥିତ ଥିଲେ । ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରିବା ତଥା ଦେଶବାସୀଙ୍କ ମନରେ ଦେଶପ୍ରେମର ଭାବ ସୃଷ୍ଟି କରିବା ପାଇଁ ମୋ ଦେଶ ଓ ମୋ ମାଟିକୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାଜପା ନେତା ଅଜୟ ବେହେରାଙ୍କ ନେତୃତ୍ୱରେ ଚନ୍ଦ୍ରମଉଳି ଶୈବ ପୀଠରୁ ମାଟି ସଂଗ୍ରହ କରାଯାଇ ନୂଆଦିଲ୍ଲୀ ପଠାଇବା ପାଇଁ ରଖାଯାଇଛି।

# ମା'ଙ୍କ ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର

ବାଲିକୁଦା, ୧୭।୯ (ତାପସ ସ୍ୱାଇଁ)



**ଉଗ୍ରତାରାଙ୍କ ମନ୍ଦିରରୁ ଚୋରି ଘଟଣା**

**ଅଭିଯୁକ୍ତ ଘରେ ରଖି ପୂଜା କରୁଥିଲେ**

ବାଲିକୁଦା ଥାନା ଅନ୍ତର୍ଗତ କୁଶୁପୁର ପଞ୍ଚାୟତ ଖଡିକାଦଣ୍ଡାର ଗ୍ରାମଦେବତୀ ଉଗ୍ରତାରା ମନ୍ଦିରରୁ ଚୋରି ଯାଇଥିବା ମା'ଙ୍କ ଅଷ୍ଟଧାତୁ ନିର୍ମିତ ମୂର୍ତ୍ତି ଉଦ୍ଧାର କରାଯାଇଛି। ରବିବାର ଏହି ଥାନା ଅନ୍ତର୍ଗତ ପିଳିପାଇ ଜଙ୍ଗଲ ଭିତରେ ଥିବା ମନୋଜ କୁମାର କାଣ୍ଡିଙ୍କ ଘରୁ ଏହି ମୂର୍ତ୍ତି ମିଳିଛି। ସେ ବରମୁଣ୍ଡଳି ପଞ୍ଚାୟତ ଅନ୍ତର୍ଗତ ବାଲିଜୋରି ଗ୍ରାମର ହୋଇଥିବାବେଳେ ଏଠାରେ ଦୀର୍ଘଦିନ ହେବ ରହି କଙ୍କଡା ବ୍ୟବସାୟ କରିଆସୁଛନ୍ତି। ଗ୍ରାମବାସୀ ମୂର୍ତ୍ତି ସମ୍ପର୍କରେ ଜାଣିବା ପରଠାରୁ ସେ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଘରେ ଠାକୁରାଣୀ ଥିବା ନେଇ ମନୋଜ ଶନିବାର ପିଳିପାଇ ଅଞ୍ଚଳ ଖଡ଼ି କାଦଣ୍ଡା ଗ୍ରାମର ଅଦ୍ୱୈତ ପ୍ରଧାନଙ୍କୁ ଖବରଦେଇଥିଲେ। ରବିବାର ସକାଳୁ ଅଦ୍ୱୈତଙ୍କ ଭାଇ ଅରକ୍ଷିତ ପ୍ରଧାନ ଓ ଖଡିକାଦଣ୍ଡାର ଗ୍ରାମ ମୁରବି ସୁରେନ୍ଦ୍ର ପ୍ରଧାନ ବାଇକରେ ସମୁଦ୍ରକୂଳ ପିଳିପାଇ ଜଙ୍ଗଲ ନିକଟରେ ପହଞ୍ଚିଥିଲେ । ରାସ୍ତା ଉପରେ ବାଇକ ରଖି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହାୟତାରେ ମନୋଜଙ୍କ ଘରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଅନ୍ୟାନ୍ୟ ଦେବଦେବୀଙ୍କ ନିକଟରେ ମା' ଉଗ୍ରତାରାଙ୍କ ମୂର୍ତ୍ତି ପୂଜା ପାଉଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ଗ୍ରାମବାସୀଙ୍କୁ ଜଣାଇବା ସହ ପୋଲିସକୁ ସୂଚନା ଦେଇଥିଲେ । ଖବରପାଇ ଖଡିକାଦଣ୍ଡା ଗ୍ରାମର ଶତାଧିକ ଲୋକ ମନୋଜଙ୍କ ଘରେ ପହଞ୍ଚିଥିଲେ । ଏହା ଦେଖି ମନୋଜ ସେଠାରୁ ଜଙ୍ଗଲ ବାଟେ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୋରି ମୂର୍ତ୍ତି ଓ ମନ୍ଦିରର ଅନ୍ୟାନ୍ୟ ଚୋରି ସାମଗ୍ରୀ ଉଦ୍ଧାର କରି ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଛି। ଏହାପରେ ମା'ଉଗ୍ରତାରା ମୂର୍ତ୍ତିକୁ ଗ୍ରାମବାସୀ ଶୋଭାଯାତ୍ରାରେ ଗାଁକୁ ନେଇଥିଲେ। ସେଠାରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ମୂର୍ତ୍ତିକୁ ମନ୍ଦିର ପ୍ରବେଶ କରାଯାଇଛି। ସୂଚନାଯୋଗ୍ୟ, ଖଡିକାଦଣ୍ଡାର ମା'ଉଗ୍ରତାରା ଗ୍ରାମ ଦେବତୀ ବହୁ ପୁରାତନ। ପୂର୍ବରୁ ଗ୍ରାମଦେବତୀ ଭାବେ ମା'ଙ୍କ ଏକ ଶିଳା ମୂର୍ତ୍ତି ପୂଜା ପାଉଥିଲେ। ୨୦୦୬ରେ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ନୂତନ ମନ୍ଦିରକୁ ମୂର୍ତ୍ତି ସ୍ଥାନାନ୍ତର ପୂର୍ବରୁ ସଫା କରାଯାଉଥିବାବେଳେ ତାହା ପାଣିରେ ମିଳେଇଯାଇଥିଲା। ଏନେଇ ଗ୍ରାମବାସୀ ସ୍ଥାନୀୟ ତାଳଗାଁସ୍ଥିତ କେଳିମଠର ବାବାଜୀ ସିଦ୍ଧେଶ୍ୱର ଦାସଙ୍କୁ ଜଣାଇଥିଲେ। ଏହାପରେ ମଠରେ ଥିବା ମା'ଉଗ୍ରତାରାଙ୍କ ଅଷ୍ଟଧାତୁ ନିର୍ମିତ ମୂର୍ତ୍ତିକୁ ବାବାଜୀ ଗ୍ରାମବାସୀଙ୍କୁ ଦେଇଥିଲେ। ସେହିଦିନଠାରୁ ମା'ଙ୍କ ମୂର୍ତ୍ତି ନୂତନ ମନ୍ଦିରରେ ପୂଜାପାଉଥିଲା। ଗତ ୮ ତାରିଖରେ ଏହି ମୂର୍ତ୍ତି ଚୋରି ହୋଇଯାଇଥିଲା।

# ଆବାସ ଯୋଜନାରୁ ବଞ୍ଚିତ ପ୍ରମିଳା

ଡେରାବିଶ, ୧୭।୯ (ବେବର୍ତ୍ତା ଅଜୟ ଦାସ)

ଆବାସ ଯୋଜନାରୁ ବଞ୍ଚିତ ହୋଇ ଜଣେ ବିଧବା ଅସହାୟା ମହିଳା ଭଙ୍ଗା ଛପର ଘରେ ନିଜ ପରିବାର ସହ ଜୀବନ ବିତାଉଛନ୍ତି । ଘର ଖଣ୍ଡିଏ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଗୁହାରୀ କରି ମଧ୍ୟ କୌଣସି ସୁଫଳ ପାଇ ନାହାଁନ୍ତି । ନିଜର ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ଏହି ବିଧବା ମହିଳା । ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତ ରାଏତୁଣ୍ଡି ଗ୍ରାମରେ । ଗ୍ରାମର ସ୍ୱର୍ଗତ ନିତ୍ୟାନନ୍ଦ ଖଟୁଆଙ୍କ ବିଧବା ସ୍ତ୍ରୀ ପ୍ରମିଳା (୬୬) ଆର୍ଥିକ ଦୂରାବସ୍ଥା ମଧ୍ୟରେ ଗତି କରୁଥିବା ବେଳେ ନିଜର ଭଙ୍ଗା ଚାଳ ଛପର ଘରକୁ ମରାମତି କରିବାକୁ ଆବଶ୍ୟକ ଅର୍ଥ ମଧ୍ୟ ଯୋଗାଡ଼ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡ଼ିଛନ୍ତି । ପରିବାରରେ ପ୍ରମିଳାଙ୍କୁ ମିଶାଇ ୪ ଜଣ ସଦସ୍ୟ ଥିବା ବେଳେ ପୁଅ ମୂଲଲାଗି ପରିବାରକୁ ପ୍ରତିପୋଷଣ କରନ୍ତି । ରହୁଥିବା ଚାଳଛପର ଘରରେ ଦିନରେ ସୂର୍ଯ୍ୟ ଓ ରାତିରେ ତାରା ଓ ଚନ୍ଦ୍ର ଦେଖାଯାଆନ୍ତି। ଛପର ହୋଇପାରୁ ନ ଥିବା ଏହି ଚାଳଘରେ ଅସରାଏ ବର୍ଷା ହେଲେ ଘର ଭିତରେ ପାଣି ପଶି ଲହଡ଼ି ଖେଳେ । ତେବେ ଆବାସ ଗୃହ ଯୋଜନାରେ ସାମିଲ ହେବା ପାଇଁ ପଞ୍ଚାୟତର ସରପଞ୍ଚ, ବିଡ଼ିଓ ଓ ଜିଲାପାଳଙ୍କ ନିକଟରେ କେତେ ଯେ ଗୁହାରି କରିଛନ୍ତି, ମାତ୍ର ତାଙ୍କର ଦୁଃଖ କେହି ବୁଝି ନ ଥିବା ପ୍ରମିଳା କହିଛନ୍ତି । କେବଳ ଭଗବାନଙ୍କ ଉପରେ ଭରସା ରଖି ନିଜ ଭାଗ୍ୟକୁ ଆଦରି ପରିବାର ସଦସ୍ୟ ଦୁଃଖରେ ଦିନ କାଟୁଥିବା ନେଇ ପ୍ରମିଳା କହିଛନ୍ତି । ଏ ବିଷୟରେ ବିଡ଼ିଓ ଦାଶରଥୀ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କହିଲେ, ଆବାସ ଗୃହ ଯୋଜନାରେ ସାମିଲ ପାଇଁ କରାଯାଇଥିବା ସର୍ଭେରେ ବହୁ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଥିବା ତାଙ୍କ ନଜରକୁ ଆସିଛି । ପୁନର୍ବାର ସର୍ଭେ ସମୟରେ ବାଦ୍‌ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ଅନୁସନ୍ଧାନ କରାଯାଇ ତାଙ୍କୁ ପରବର୍ତ୍ତୀ ଅବସ୍ଥାରେ ତାଲିକାଭୁକ୍ତ କରାଯିବ ବୋଲି ବିଡ଼ିଓ ଜେନା କହିଛନ୍ତି ।


ନିଜ ଘର ସମ୍ମୁଖରେ ପ୍ରମିଳା।

**ପରିବାର ସହ ଭଙ୍ଗାଘରେ କାଟୁଛନ୍ତି ଦିନ**

# ଗଞ୍ଜାମକୁ ହରାଇ ଯାଜପୁର ଚାମ୍ପିୟନ

ଜଗତ୍‌ସିଂହପୁର, ୧୭।୯
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୩୬ତମ କାଞ୍ଚନ ସ୍ମାରକୀ ରାଜ୍ୟସ୍ତରୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୨ଟି ଜିଲାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଗଞ୍ଜାମକୁ ୧୨-୮ ଗୋଲ ବ୍ୟବଧାନରେ ପରାସ୍ତ କରି ଯାଜପୁର ଜିଲା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ସାମାଜିକକର୍ମୀ ତଥା ଅର୍ଥନୀତିଜ୍ଞ ପ୍ରାଧ୍ୟାପକ ପ୍ରଦୀପ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଯାଜପୁର ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଉପବିଜେତା ଗଞ୍ଜାମ ଜିଲାକୁ ସ୍ଥାନୀୟ କିଓରୱେଲ ନର୍ସିଂହୋମ ପରିଚାଳନା ନିର୍ଦ୍ଦେଶକ ଅଞ୍ଜନ ଦାସଙ୍କ ମା'ଙ୍କ ସ୍ମୃତିରେ ରାଧାମଣି ଦାସ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନରେ ଉଭୟ ଜଗତ୍‌ସିଂହପୁର ଓ କେନ୍ଦୁଝର ଜିଲା ରହିଥିଲା। ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ୍ ସଭାପତି ବିପ୍ଳବ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାମାଜିକ କର୍ମୀ ହେମନ୍ତ କୁମାର ରଥ, ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ୍ ସମ୍ପାଦକ ମାନସ ସିଂ, ଭାରତୀୟ ହ୍ୟାଣ୍ଡବଲ ସଂଘ ସହକାରୀ ସମ୍ପାଦକ ରିତିକ ଅଧିକାରୀ, ସାମାଜିକକର୍ମୀ ପ୍ରଶାନ୍ତ କୁମାର ମଲ୍ଲିକ ଓ ଜିଲା ହ୍ୟାଣ୍ଡବଲ ସଂଘ ମାର୍ଗଦର୍ଶକ ପ୍ରିୟନାଥ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ହ୍ୟାଣ୍ଡବଲ ଆସୋସିଏଶନ୍ ସମ୍ପାଦକ ସାରଦା ପ୍ରସାଦ ଦାସ ଓ ଉପସଭାପତି ବିଜୟ କୁମାର ରାଉତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର ଶ୍ରେଷ୍ଠ ରେଫରି ଭାବେ ସନ୍ଦୀପ ପାତ୍ର, ଶ୍ରେଷ୍ଠ ଖେଳାଳି ଗଞ୍ଜାମ ଜିଲାର ବର୍ଷା ସେଠୀ, ଶ୍ରେଷ୍ଠ ଗୋଲ କିପର ଯାଜପୁର ଜିଲାର ସ୍ୱର୍ଣ୍ଣଲତା ପ୍ରଧାନ, ଶ୍ରେଷ୍ଠ ଶୃଙ୍ଖଳିତ ଦଳ କେନ୍ଦ୍ରାପଡ଼ା ଜିଲା ହ୍ୟାଣ୍ଡବଲ ଟିମ୍ ଓ ଜାତୀୟସ୍ତରୀୟ ରେଫରି ମାନସ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ମ୍ୟାଚରେ ପ୍ରକାଶ ମିଶ୍ର, ଦିଲୀପ ଦାସ, ସୁଶାନ୍ତ କୁମାର ଦାସ, ମନୋରଞ୍ଜନ ମିଶ୍ର, ରାହୁଲ ଖାନ, ରଶ୍ମି ରଞ୍ଜନ ଓଝା, ମାନସ ସାହୁ, ତାପସ ସାହୁ, ରବୀନ୍ଦ୍ର ବାରିକ, ବୈଶାଳୀ ଭୋଇ, ପ୍ରଜ୍ଞା ପରମିତା ଚାନ୍ଦ, ଶକ୍ତି ରଞ୍ଜନ ରାୟ, ବ୍ରଜ କିଶୋର ଦାଶ, ଚନ୍ଦନ ପାତ୍ର, ବିଶ୍ୱରଞ୍ଜନ ପାତ୍ର, ସନ୍ଦିପ ପାତ୍ର, ରଶ୍ମି ରଞ୍ଜନ ତ୍ରିପାଠୀ, ରୀନା ପ୍ରଧାନ, କିରଣବାଳା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶନିବାର ଉତ୍ସବକୁ ଜିଲାପାଳ ପାରୁଲ ପଟାୱାରୀ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜଗତ୍‌ସିଂହପୁର ଜିଲା ୨୦-୭ ଗୋଲ ବ୍ୟବଧାନରେ ଢେଙ୍କାନାଳ ଜିଲାକୁ ପରାଜିତ କରିଥିବାବେଳେ ଯାଜପୁର ଜିଲା ୨୭-୩ ଗୋଲ ବ୍ୟବଧାନରେ ଭଦ୍ରକକୁ, ଗଞ୍ଜାମ ଜିଲା ୧୩-୨ରେ ନବରଙ୍ଗପୁରକୁ ଏବଂ କେନ୍ଦୁଝର ଜିଲା ୯-୦ରେ ପୁରୀ ଜିଲାକୁ ପରାଜିତ କରିଥିଲା।


ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି ।

**୩୬ତମ ରାଜ୍ୟସ୍ତରୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା**


ବିରିଡ଼ି ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ।


ରଘୁନାଥପୁର ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା କରାଯାଉଛି ।


ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ( ଓମ୍ପା)ର ବିଶ୍ୱକର୍ମା ପୂଜା ।


ପାରାଦୀପ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦେବଶିଳ୍ପୀଙ୍କୁ ଆବାହନ ।

# ଚଢ଼େଇଧରାରେ ଦେବଶିଳ୍ପୀଙ୍କୁ ଆରାଧନା

**ଚଢ଼େଇଧରା, ୧୭।୯(ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢ଼େଇଧରା ଅଞ୍ଚଳରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଅଞ୍ଚଳରେ ଥିବା ଶୀଳ୍ପ କାରଖାନା, କ୍ରଶର, ଖଣି ଖାଦାନ, ଇଟା କାରଖାନା ଓ ଗାଡି ମରାମତି ଦୋକାନରେ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଚଢ଼େଇଧରା, ବରଡ଼ା, ଡଙ୍କାରୀ, ରାହାଡ଼ପୁର, ବାରମାଣ ତାରିଣିଛକ ଆଦି ବିଭିନ୍ନ ସ୍ଥାନରେ ପୂଜା ହେଉଛି। ଘରେ ଘରେ ଗାଡି ପୂଜା ହେଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ମହିଶରା ଓ ଦୌଲତପୁର ଗ୍ରାମରେ ଥିବା କମାର ଓ ବଢ଼େଇ ପରିବାର ଏହି ଦିନକୁ ଧୁମଧାମରେ ପାଳନ କରିଛନ୍ତି। ସେମାନେ ବିଶ୍ୱକର୍ମାଙ୍କୁ କୂଳଦେବତା ବୋଲି ଆବାହାନ କରି ୩ ଦିନ ପାଇଁ ନିଜ ସାଜସରଞ୍ଜାମକୁ ବିଶ୍ୱାକର୍ମାଙ୍କ ପର୍ତ୍ତିମୂର୍ତ୍ତି ନିକଟରେ ରଖି ପୂଜା କରୁଛନ୍ତି।


ଚଢ଼େଇଧରା ଉପରଛକରେ ପୂଜା ପାଉଥିବା ବିଶ୍ୱକର୍ମା ।

# ପାରାଦୀପ ବିଶ୍ୱକର୍ମା ପୂଜା ମହୋତ୍ସବ ଆରମ୍ଭ


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ପାରାଦୀପ, ୧୭।୯(ଶରତ ରାଉତ)**

- ୧୧ ପ୍ଲାଟୁନ ଫୋର୍ସ, ୪୦ ଅଫିସର ନିୟୋଜିତ
- କଳସ ଶୋଭାଯାତ୍ରାରେ ଦୁଲୁକିଲା ସହର

୩ ବର୍ଷର ବ୍ୟବଧାନ ପରେ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ରବିବାର ଆରମ୍ଭ ହୋଇଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ପୂଜା ଅଞ୍ଚଳରେ ୧୦ଟି ଛୋଟ ଓ ବଡ ମଣ୍ଡପ ହୋଇଛି। ପ୍ରମୁଖ ବଡ଼ ମଣ୍ଡପଗୁଡ଼ିକ ହେଲା ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା), ବନ୍ଦର ଯନ୍ତ୍ରୀ ବିଭାଗ, ବିଦ୍ୟୁତ ବିଭାଗ, ପାରାଦୀପ ଡମ୍ଫର ମାଲିକ ସଂଘ, ଭାରତୀୟ ମଜଦୁର ସଂଘ, ପୋର୍ଟ ଡକ ଆଣ୍ଡ ମଜଦୁର ୟୁନିୟନ। ସେହିପରି ଛୋଟ ମଣ୍ଡପ ମଧ୍ୟରେ ଉତ୍କଳ ପୋର୍ଟ ଆଣ୍ଡ ମଜଦୁର ସଂଘ, ପୋର୍ଟ ୱାର୍କର୍ସ ୟୁନିୟନ, ଅଟୋରିକ୍ସା ସଂଘ ରହିଛି। ଅପରପକ୍ଷେ ପ୍ରମୁଖ ୫ଟି ଆୟୋଜକ ପାରାଦୀପ ଟ୍ରକ ମାଲିକ ସଂଘ, ଜଗନ୍ନାଥ ଟ୍ରକ ମାଲିକ ସଂଘ, ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘ, ବନ୍ଦର ମେରାଇନ ବିଭାଗ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ପକ୍ଷରୁ ମଣ୍ଡପ କରାଯାଇ ନ ଥିବାରୁ ବ୍ୟାଙ୍କ ଛକ ଅଞ୍ଚଳ ଫାଙ୍କା ରହିଛି। ପୂଜା ଭିଡ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପାରାଦୀପ ଆଦର୍ଶ ଥାନା ପୋଲିସ ୧୧ ପ୍ଲାଟୁନ ଫୋର୍ସ ମୁତୟନ କରିଛି। ଏଥିରେ ୪୦ ଜଣ ଅଫିସର ରହିଛନ୍ତି। ଅପରାହ୍ନ ୪ଟା ପରଠୁ ପୂଜା ମଣ୍ଡପ ଅଞ୍ଚଳରେ ଗାଡି ଚଳାଚଳ ବନ୍ଦ କରାଯାଇଛି। ମଣ୍ଡପ ଅଞ୍ଚଳର ଦୁଇ ପାର୍ଶ୍ୱରେ ଉଠା ବ୍ୟବସାୟୀମାନେ ଦୋକାନ ଖୋଲିଛନ୍ତି। ପ୍ରଥମକରି ମିଶନଶକ୍ତି ମହିଳାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ମାର୍କେଟ ସାମର୍ଥ୍ୟ ମେଳା ଷ୍ଟଲ କରାଯାଇଛି। ଯେଉଁମାନେ ପୂଜା ଆୟୋଜନ କରିଛନ୍ତି, ସେମାନଙ୍କ କଳସ ଶୋଭାଯାତ୍ରା ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ କରାଯାଇଛି। ଏଥିରେ ଶତାଧିକ ମହିଳା, ପୁରୁଷ ସାମିଲ ହୋଇ ଶୋଭାଯାତ୍ରାରେ ସମୁଦ୍ରରୁ କଳସ ପାଣି ଆଣିଥିଲେ। ସନ୍ଧ୍ୟାରେ ଓମ୍ପା, ଯନ୍ତ୍ରୀ ବିଭାଗ, ବିଏମ୍‌ଏସ୍, ଡମ୍ଫର ସଂଘ ପୂଜା ଆରମ୍ଭ କରିଥିଲେ।

# ପଟ୍ଟାମୁଣ୍ଡାଇ ଉତ୍ସବମୁଖର

**ପଟ୍ଟାମୁଣ୍ଡାଇ, ୧୭।୯(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ବିଶ୍ୱକର୍ମା ପୂଜା ରବିବାର ପାଳିତ ହୋଇଯାଇଛି । ଏଥିପାଇଁ ଆକର୍ଷଣୀୟ ସାଜସଜ୍ଜା, ତୋରଣ କରାଯାଇଛି। ନିର୍ମାଣ ଦାୟିତ୍ୱରେ ଥିବା ଶ୍ରମିକ, କର୍ମଚାରୀମାନେ ଏଥିରେ ସାମିଲ ହୋଇଛନ୍ତି । ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଉଠାଜଳସେଚନ ବିଭାଗ, ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟଉନ୍ନୟନ ବିଭାଗ, ଗ୍ରାମ୍ୟଜଳଯୋଗାଣ ଓ ପରିମଳ ବିଭାଗ ଆଦି ବିଭିନ୍ନ ସଂସ୍ଥାରେ ବିଶ୍ୱ ସର୍ଜନାର ବିଧାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି।


ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଶ୍ୱକର୍ମାଙ୍କୁ ପୂଜା କରାଯାଉଛି ।

## ଶ୍ରମିକ ସଂଘର ପୂଜାର୍ଚ୍ଚନା

**କୁଜଙ୍ଗ, ୧୭।୯(ମନୋଜ ପ୍ରଧାନ)**

ଅଭୟଚାନ୍ଦପୁର ଥାନା ରଙ୍ଗିଆଗଡ଼ଠାରେ ଜଗତ୍‌ସିଂହପୁର, କେନ୍ଦ୍ରାପଡା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜା ଆରମ୍ଭ ହୋଇଛି। ଏହା ୪ଦିନ ଧରି ଚାଲିବ। ପ୍ରଥମ ସନ୍ଧ୍ୟାରେ ପାଲା ପରିବେଶଣ କରାଯାଇଛି। ପୂଜାତ୍ସବରେ ଶ୍ରମିକ ସଂଘ ସଭାପତି ନିର୍ଭୟ ସାମନ୍ତରାୟ, ସାଧାରଣ ସମ୍ପାଦକ ରଞ୍ଜନ ପଲାଇ, ପୂଜା କମିଟି ଅଧ୍ୟକ୍ଷ ଦିଲୀପ ମହାନ୍ତି, ସଭ୍ୟ ପ୍ରଶାନ୍ତ ମଲିକ, ରଶ୍ମିରଞ୍ଜନ ସାମଲ, ଶଶାଙ୍କ ଶତପଥୀ ଓ ସଂଗ୍ରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଶାଘାଇରେ ଦେବଶିଳ୍ପୀଙ୍କ ପୂଜା

**ମାର୍ଶାଘାଇ, ୧୭।୯(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ବିଭିନ୍ନ ଘରୋଉ ଶିଳ୍ପ ତାଲିମ କେନ୍ଦ୍ର, ଗାଡ଼ି ସୋରୁମ, ଗ୍ୟାରେଜ, ଟ୍ରକ ସଂଘ କାର୍ଯ୍ୟାଳୟ ସମେତ ବିଭିନ୍ନ ମନ୍ଦିରରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଛି। ଲୁଣା ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ବଳ ଓ ଅନ୍ୟ ଷ୍ଟାଫଙ୍କ ସହଯୋଗରେ ବିଶ୍ୱକର୍ମା ପୂଜା ପାଳିତ ହୋଉଯାଇଛି। ଗାଡ଼ି ମଲିକ ସଂଘ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।



## ଧର୍ମଶାଳାର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

**ଧର୍ମଶାଳା, ୧୭।୯(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ବିଶ୍ୱକର୍ମାଙ୍କ ପୂଜା ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ବ୍ଲକର ଜାରକା ବଜାର, କାଏମା, ନାକପୋଲ, ଭୁବନ, ଆରୁହା ଓ ମାଣ୍ଡିଆ ଛକଠାରେ ବିଭିନ୍ନ ମଣ୍ଡପରେ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଇଛି। ଭକ୍ତମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ମଣ୍ଡପରେ ସାଜସଜା ଓ ତୋରଣମାନ ତିଆରି କରାଯାଇଛି।


ଜାରକା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପୂଜା ପାଉଥିବା ବିଶ୍ୱକର୍ମା ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲକି


@ ରୁଦ୍ର


@ ସୋହାନି


@ ଯଶୋବନ୍ତ


@ ଶ୍ରୀଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଚେତନ କରୁନି ଉଦ୍ୟାନ ବିଭାଗ

ନୟାଗଡ଼,୧୭।୯(ଲୋକନାଥ ମିଶ୍ର)

■ମାଲ ମାଲ ଯୋଜନା, ଜାଣି ପାରୁନାହାନ୍ତି ଚାଷୀ
■୫୫ ପ୍ରତିଶତ ସବ୍‌ସିଡି ସତ୍ତ୍ୱେ ନାହିଁ ଆବେଦନ
■୩୦ ମେଟ୍ରିକ ଟନ୍‌ର ଶୀତଳଭଣ୍ଡାର ନ ହୋଇ ପାରେ

ଉଦ୍ୟାନ କୃଷି ବିଭାଗ ଚାଷୀଙ୍କ ପାଇଁ ଅନେକ ଯୋଜନା କରୁଛି । ହେଲେ ସଚେତନତା ଅଭାବରୁ ଚାଷୀ ଉଦ୍ୟାନ ବିଭାଗର କାର୍ଯ୍ୟକ୍ରମ ଜାଣି ପାରୁନି । ଉଦ୍ୟାନ ବିଭାଗ ପକ୍ଷରୁ ମଧ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଯାଉ ନ ଥିବା ଅଭିଯୋଗ ହୋଇଛି । ହେଲେ ଏଥିପାଇଁ କୌଣସି ପଦକ୍ଷେପ ନାହିଁ

ଉଦ୍ୟାନ ବିଭାଗ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉଦ୍ୟାନ କୃଷି ମିଶନ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ରାଜ୍ୟ ଯୋଜନା, ରାଜ୍ୟ ଯୋଜନାରେ ଖରିଫ କାର୍ଯ୍ୟକ୍ରମ ଓ ରବି କାର୍ଯ୍ୟକ୍ରମ, ରାଜ୍ୟ ଯୋଜନାରେ ଜଳବାୟୁ ଉପଯୋଗୀ ସ୍ୱତନ୍ତ୍ର ଫଳ ବଗିଚା ପ୍ରତିଷ୍ଠା ଯୋଜନା, ଫସଲ ଅମଳ ପରବର୍ତ୍ତୀ ଯନ୍ତ୍ର ଏବଂ ବ୍ୟବସାୟ ସହାୟତା, ଫୁଲ ମିଶନ ଓ ଛତୁ ମିଶନ ବ୍ୟବସ୍ଥା ରହିଛି । ଛତୁ ମିଶନରେ ୧୫ ଲକ୍ଷ ଟଙ୍କାର ୩୦ ମେଟ୍ରିକ ଟନ ବିଶିଷ୍ଟ ଏକ ଶୀତଳଭଣ୍ଡାର ନୟାଗଡ଼ ଜିଲାରେ ସ୍ଥାପନ ପାଇଁ ସରକାର ସବ୍‌ସିଡି ଦେଉଛନ୍ତି। ଏହା କଲେ ଚାଷୀ ୫୫ ପ୍ରତିଶତ ସବ୍‌ସିଡି ପାଇବାର ରହିଛି । ହେଲେ ସରକାରୀ ଯୋଜନା ସମ୍ପର୍କରେ ଚାଷୀ ଅବଗତ ନ ଥିବାରୁ କେହି ଆବେଦନ କରୁ ନାହାନ୍ତି। ଫଳରେ ଜିଲାରେ ସରକାରୀ ଅନୁଦାନ ଫେରି ଯିବାର ସମ୍ଭାବନା ରହିଛି। ରାଜ୍ୟ ଯୋଜନାର ରବି କାର୍ଯ୍ୟକ୍ରମରେ ୩୦୦ ହେକ୍ଟର ଆଳୁ ଚାଷ ପାଇଁ ୧୭୪ ଲକ୍ଷ, ପିଆଜ ଚାଷ ୧୦୦ ହେକ୍ଟର ପାଇଁ ୫୮ ଲକ୍ଷ, ରସୁଣ ଚାଷ ୫୦ ହେକ୍ଟର ପାଇଁ ୪୧ ଲକ୍ଷ, ଲଙ୍କା ଚାଷ ୨୦୦ ହେକ୍ଟର ପାଇଁ ୫୬ ଲକ୍ଷ, ଧନିଆ ଚାଷ ୧୫୦ ହେକ୍ଟର ପାଇଁ ୩୦ ଲକ୍ଷ, ମେଥି ଚାଷ ୧୦୦ ହେକ୍ଟର ପାଇଁ ୨୦ ଲକ୍ଷ, ଶଙ୍କର ପନିପରିବା ଚାଷ ୧୦୦ ହେକ୍ଟର ପାଇଁ ୨୦ ଲକ୍ଷ ଅନୁଦାନ ଆସିଛି । ପୁଣି ଫୁଲ ମିଶନରେ ଗେଣ୍ଡୁ ଫୁଲ ଚାଷ ପାଇଁ ୪୦ ହେକ୍ଟର ପାଇଁ ୬ ଲକ୍ଷ, ୧୦ ହେକ୍ଟର ପାଇଁ ୪୦ ହଜାର, ପ୍ୟାକିଂ ଗୃହ ପାଇଁ ୨.୪୦ ଲକ୍ଷ ଟଙ୍କା ଅନୁଦାନ ଆସିଛି । ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସ୍ୱୟଂ ସହାୟିକା ଗୋଷ୍ଠୀ ଏହାର ଫାଇଦା ନେଇ ପାରିବ। ତେବେ ଚାଷୀ କେଉଁଥି ପାଇଁ ଉଦ୍ୟାନ ଚାଷକୁ ଆପଣେଇ ପାରୁନି ତାର ସମୀକ୍ଷା ହେଉନି। ଏନେଇ ଭାପୁରର ଚାଷୀ ସପନି ନାୟକ କୁହନ୍ତି, ଉଦ୍ୟାନ ବିଭାଗର କାର୍ଯ୍ୟକ୍ରମ କିଛି ଅଣଚାଷୀ ଫାଇଦା ନେଉଛନ୍ତି। ଚାଷୀ ଧାନ, ବିରି, ମୁଗ ପରି ଚାଷ ବିଷୟରେ ସଚେତନ ହୋଇ ପାରୁନି। ଦଶପଲ୍ଲାର ଚାଷୀ ସୁଷମା ପ୍ରଧାନ କୁହନ୍ତି, କେତେଜଣ ଲୋକ କଦଳୀ, ରସୁଣ, ଲଙ୍କା, ଧନିଆ ଓ ମେଥି ଚାଷ ପରି ଚାଷ ଉଦ୍ୟାନ ବିଭାଗ ପକ୍ଷରୁ କରୁଛନ୍ତି। ତେବେ ସେମାନେ ଅନ୍ୟମାନଙ୍କୁ ଏହି ଚାଷ କିପରି କରାଯାଇପାରିବ ସେନେଇ କହୁ ନାହାନ୍ତି । ଉଦ୍ୟାନ ବିଭାଗର କର୍ମଚାରୀ କେଉଁଠି ରୁହନ୍ତି, ସେମାନଙ୍କ କାର୍ଯ୍ୟାଳୟ କେଉଁଠି ଅନେକ ଜାଣନ୍ତି ନାହିଁ। ପୁଣି ଠିକଣା ଖୋଜି ଅଫିସକୁ ଦୌଡିଲେ ବାବୁଙ୍କ ଭେଟ ହୁଏ ନାହିଁ। ଏଣୁ ଆମ ଜିଲାରେ ଉଦ୍ୟାନ ଚାଷ ଆଗେଇ ପାରୁନି। ନୂଆଗାଁର ଚାଷୀ ରାମଚନ୍ଦ୍ର ସ୍ୱାଇଁ ଓ ନୟାଗଡ଼ର ଅଲେଖ ସାହୁ କୁହନ୍ତି, ଉଦ୍ୟାନ ବିଭାଗ କ'ଣ, ଚାଷୀଙ୍କ ପାଇଁ ଏହା କି ପ୍ରକାରର କାମରେ ଲାଗି ପାରିବ ସେନେଇ ସଚେତନତାର ଆବଶ୍ୟକତା ରହିଛି । ଉଦ୍ୟାନ ବିଭାଗର କାର୍ଯ୍ୟକ୍ରମକୁ ବ୍ଲକ, ପଞ୍ଚାୟତ ଓ ଗାଁସ୍ତରରେ ଚାଷୀଙ୍କୁ ସାମିଲ କରି ବୁଝାଇବାକୁ ପଡିବ। ନ ହେଲେ ଅଣଚାଷୀ ବିଭାଗୀୟ ଅଧିକାରୀଙ୍କୁ ଧରାଧରି କରି ଫାଇଦା ମାରି ଚାଲିଥିବେ। ଉଦ୍ୟାନ ବିଭାଗ ସେମାନଙ୍କୁ ଚାଷୀ ଦେଖାଇ ଉଭୟ ସରକାରୀ ଅନୁଦାନକୁ ମିଳିମିଶି ଚଳୁ କରି ଚାଲିଥିବେ। ଉଦ୍ୟାନ ବିଭାଗର କାର୍ଯ୍ୟର ସମୀକ୍ଷା ହେବା ଦରକାର। ଜିଲାପାଳ ଅଚାନକ ପରିଦର୍ଶନ କରିବା ଦରକାର। ଜିଲା ପରିଷଦ ସଭ୍ୟମାନେ ଏହି ଯୋଜନା ଉପରେ ଅଧିକ ଫୋକସ ଦେବା ଦରକାର ବୋଲି କହିଛନ୍ତି।

ଏନେଇ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଲଳିତ କୁମାର ପଣ୍ଡା କୁହନ୍ତି, ଉଦ୍ୟାନ କୃଷିକୁ ଚାଷୀଙ୍କ ପାଖରେ ପହଞ୍ଚାଇବାକୁ ସବୁ ପ୍ରକାରର ବ୍ୟବସ୍ଥା କରାଯାଉଛି। ଜିଲାରେ ଗୋଟିଏ ଶୀତଳ ଭଣ୍ଡାର ଅଛି। ଆଉ ଗୋଟିଏ ୩୦ ମେଟ୍ରିକ ଟନର ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପ୍ରୟାସ ଚାଲିଛି। ଚାଷୀ ଆଗ୍ରହ ପ୍ରକାଶ କଲେ ଆମେ ଏହାକୁ ପ୍ରତିଷ୍ଠା କରିବାକୁ ଆଗ୍ରହୀ ଅଛୁ ବୋଲି କହିଛନ୍ତି ।

## ପୁରୁଣା ପେନ୍‌ସନ ଦାବି ଜୋର ଧରିଲା


ପୁରୁଣା ପେନ୍‌ସନ ରଥକୁ ସ୍ୱାଗତ କରାଯାଉଛି।

ନୟାଗଡ଼,୧୭।୯(ଲୋକନାଥ ମିଶ୍ର)

### ବାହାରିଲା ପୁରୁଣା ପେନସନ ରଥ

ଭାରତ ବର୍ଷରେ ପୁରୁଣା ପେନସନ ଯୋଜନାର ପୁନଃ ପ୍ରଚଳନ ଦାବି ଜୋର ଧରିଛି। ଦାବି ପୂରଣ ନେଇ ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମଗ୍ର ଭାରତବର୍ଷରେ ୪ଟି ସଚେତନତା ରଥ ଚଳିତବର୍ଷ ସେପ୍ଟେମ୍ବର ୫ ଗୁରୁଦିବସଠାରୁ ପରିକ୍ରମା ପାଇଁ ବାହାରିଛି । ଏହି କ୍ରମରେ ପୂର୍ବ ଭାରତ ଆସାମର ଗୌହାଟିରୁ ଏକ ପେନସନ ରଥ ବାହାରି ପଶ୍ଚିମବଙ୍ଗ ହୋଇ ଓ ପହଞ୍ଚିଛି। ରବିବାର ଅପରାହ୍ନରେ ପୁରୁଣା ପେନସନ ରଥ ନୟାଗଡ଼ରେ ପହଞ୍ଚିବା ପରେ ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ସ୍ୱାଗଗତ କରାଯାଇଥିଲା। ପ୍ରାଥମିକ ଶିକ୍ଷକସଂଘର ପୂର୍ବତନ ସଭାପତି ରାଜକିଶୋର ନାୟକଙ୍କ ନେତୃତ୍ୱରେ ଶିକ୍ଷକନେତା ରଘୁନାଥ ସାହୁ,ଲକ୍ଷ୍ମୀଧର ସାହୁ,ଶ୍ରୀଧର ପରି ପ୍ରଧାନ,ଉମେଶ ସ୍ୱାଇଁ, ଅକ୍ଷୟ ଜେନା, ବୀରକିଶୋର ଲେଙ୍କା,ବ୍ରଜକିଶୋର ମହାପାତ୍ର,ଶତ୍ରୁଘ୍ନ ସେଠୀ,ପ୍ରତିମା ପ୍ରଧାନ,କାହ୍ନୁଚରଣ ମୁଦୁଲି, ସ୍ନେହାଲତା ଦାଶ,ସୁଷମା ଦେଇ,ନିରୂପମା ସେଠି ,ଭାଗବତ ପରି ପ୍ରଧାନ,ବସନ୍ତ କୁମାର ବାରିକ ,ରାଜକୁମାର ସେଠୀ ପ୍ରମୁଖ ଏଥିରେ ସାମିଲ ଥିଲେ। ଅନ୍ୟପକ୍ଷେ ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ ଉପ ସଭାପତି ରାମ ଅବତାର ପାଣ୍ଡେ ଏବଂ ରାଜ୍ୟ ସଦସ୍ୟ ଲକ୍ଷ୍ମଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ତୁରନ୍ତ ପୁରୁଣା ପେନସନ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଶିକ୍ଷକନେତାମାନେ ଦାବି ଜଣାଇଥିଲେ । ଏହି ରଥ ଆସନ୍ତା ଅକ୍ଟୋବର ୫ ଗୁରୁଦିବସରେ ପରିକ୍ରମା ଶେଷ କରି ନୂଆଦିଲ୍ଲୀଠାରେ ପୁରୁଣା ପେନସନ ଦାବିରେ ସମଗ୍ର ଦେଶର ପ୍ରାଥମିକ ଶିକ୍ଷକମାନଙ୍କୁ ନେଇ ଏକ ବିଶାଳ ସମାବେଶର ଆୟୋଜନ କରିବ ବୋଲି ସୂଚନା ମିଳିଛି ।

## ସୁରକ୍ଷା ପ୍ରାଚୀର ନାହିଁ, ଖୋଲାପଡିଛି ବିଦ୍ୟୁତ୍ ସବ୍‌ଷ୍ଟେଶନ

ଖଣ୍ଡପଡ଼ା,୧୭।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ (ଟିପିସିଓଡିଏଲ) ଅଧୀନରେ ଥିବା ଅନେକ ଟ୍ରାନ୍ସଫର୍ମର ଓ ସବ୍‌ଷ୍ଟେଶନ ବିପଦସଙ୍କୁଳ ଅବସ୍ଥାରେ ରହିଛି । ବିଦ୍ୟୁତ୍ ବିଭାଗ(ଟିପିସିଓଡିଏଲ) ଖାମଖିଆଲ ମନୋଭାବ ଯୋଗୁ ଏଗୁଡିକ ବିଭିନ୍ନ ସମୟରେ ବିପଦକୁ ଆମନ୍ତ୍ରଣ କରିଥିବା ଅଭିଯୋଗ ହେଉଛି । ତେବେ ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥ ପ୍ରସାଦ ଗ୍ରାମରେ ଖୋଲାରେ ଥିବା ୨ଟି ଟ୍ରାନ୍ସଫର୍ମର ବିପଦ ଶଙ୍କୁଳ ଅବସ୍ଥାରେ ରହିଛି । ସାମାନ୍ୟ ଅସାବଧାନତା ହେଲେ ବିଦ୍ୟୁତ୍ ସଂସ୍ପର୍ଶରେ ଜୀବନ ଯିବାର ଆଶଙ୍କା ରହିଛି । ନିୟମ ଥିଲେ ମଧ ଖୋଲାରେ ଥିବା ସବ୍‌ଷ୍ଟେଶନ ଓ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର କିମ୍ବା ତାରବାଡ ନିର୍ମାଣ କରାଯାଇନାହିଁ । ଏହି ସବୁ ରାସ୍ତା ଦେଇ ପ୍ରତ୍ୟେହ ଲୋକମାନଙ୍କ ସହିତ ଛାତ୍ରୀଛାତ୍ର ଯିବା ଆସିବା କରିଥାନ୍ତି । ଗାଈଗୋରୁ ବି ସେହି ପାର୍ଶ୍ୱରେ ବିଚରଣ କରିଥାନ୍ତି । ବାରମ୍ବାର ଦାବି କରାଯାଉଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଟ୍ରାନ୍ସଫର୍ମର ଏବଂ ସବ୍‌ଷ୍ଟେଶନ ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଧ୍ୟାନ ଦେଉ ନ ଥିବା ଜଗନ୍ନାଥ ପ୍ରସାଦ ଗ୍ରାମ ସଭାପତି ବିରଞ୍ଚି ନାରାୟଣ ପ୍ରଧାନ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଖଣ୍ଡପଡା ବିଦ୍ୟୁତ୍ ଉପଖଣ୍ଡ କନିଷ୍ଠ ଯନ୍ତ୍ରୀ ଇଂ.ଆଦିତ୍ୟ କୁମାର ଦାଶ କହିଛନ୍ତି, ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ।


ଖୋଲରେ ଥିବା ସବ୍‌ଷ୍ଟେଶନ।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ଶହୀଦଙ୍କ ଘରୁ ମାଟି ସଂଗ୍ରହ

ରଣପୁର,୧୭।୯
(ସୁକାନ୍ତ କିଶୋର ଡ଼ାକୁଆ )

ଶନିବାର ନୟାଗଡ଼ ଜିଲା ରଣପୁର ମଣ୍ଡଳ ଭାଜପା ପକ୍ଷରୁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଅମୃତ କଳସରେ ମାଟି ସଂଗ୍ରହ କରିଛନ୍ତି । ଶନିବାର ରଣପୁର ବ୍ଲକ ଚମ୍ପାଗଡ଼ ଗ୍ରାମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଚମ୍ପାଗଡ଼ ପଞ୍ଚାୟତରେ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରାରେ ଆରମ୍ଭ ହୋଇ ପଞ୍ଚାୟତ ପରିକ୍ରମା କରିଥିଲା । ଏଥିରେ ପଞ୍ଚାୟତର ଶତାଧିକ ଲୋକ ସାମିଲ ହୋଇଥିଲେ । ଚମ୍ପାଗଡ଼ ଗ୍ରାମର ଶହୀଦ ସୁବେଦାର ନିରଞ୍ଜନ ପାଇକରାୟଙ୍କ ସମେତ ଆଜାଦ ହିନ୍ଦ ଫୌଜର ଶହୀଦ ପ୍ରଭାକର ପରିଡା, ଶହୀଦ ପ୍ରକାଶ ମହାରଣାଙ୍କ ଘର ଅଗଣାରୁ ମାଟି ସଂଗ୍ରହ କରାଯାଇଥିଲା । ଏହି ପଞ୍ଚାୟତର ସମସ୍ତ ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ନିର୍ମଳ ମତ୍ତଗଜସିଂହ, ଗଣେଶ୍ୱର ମାନ୍ଧାତା, ରବୀନ୍ଦ୍ର ସାମନ୍ତ, ପ୍ରଶାନ୍ତ କୁମାର ନାୟକ, ପ୍ରଶନ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା

ନୟାଗଡ଼,୧୭।୯(ଲୋକନାଥ ମିଶ୍ର)

■ଆରକ୍ଷୀ ଅଧୀକ୍ଷକଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା
■ଚମ୍ପାଗଡ ପୋଖରୀ ଖନନ ଓ ଗାଡୱାଲ ନିର୍ମାଣରେ ଦୁର୍ନୀତି

ନୟାଗଡ଼ ଜିଲା ରଣପୁର ବ୍ଲକ ଚମ୍ପାଗଡ଼ ପଞ୍ଚାୟତ ଚମ୍ପାଗଡ଼ ଗ୍ରାମ ପୋଖରୀ ଖନନ ଓ ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଘଟଣାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇଥିବାରୁ ଭୁବନେଶ୍ୱର ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ୍‌ଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି । ଯାହାର କେଶ ନଂ.କଣ୍ଟେମ୍ପ୍ଟ ୪୭/୨୦୨୩ ରହିଛି । ଚମ୍ପାଗଡ଼ ଗ୍ରାମ ପୋଖରୀ ଖନନ ଓ ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଦର୍ଶାଇ ସମାଜିକ କର୍ମୀ ଗଣେଶ୍ୱର ମାନ୍ଧତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସିଆରଏଲ୍ଏମ୍‌ପି ୧୬୫୧/୨୦୨୨ରେ ପିଟିସନ ଦାୟର କରିଥିଲେ । ହାଇକୋର୍ଟରେ ଏହାର ଶୁଣାଣୀ ବିଚାରପତି ବିଶ୍ୱଜିତ୍ ମହାନ୍ତି କରି ଭିଜିଲାନ୍ସ ତଦନ୍ତ ପାଇଁ ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ଭୁବନେଶ୍ୱରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଇଥିଲେ । ମାମଲାକୁ ଆଇନଜୀବୀ ରାକେଶ କୁମାର ଷଡ଼ଙ୍ଗୀ ପରିଚାଳନା କରୁଛନ୍ତି ।

# ଅଭିଭାବକ ଆମର ଅଂଶୀଦାର ସମାବେଶ

ନୂଆଗାଁ,୧୭।୯ (ଧନେଶ୍ୱର ସାହୁ)

■ଆସୁଥିବା ଅନୁଦାନ ହେଉଛି ବାଟମାରଣା
■ଲଗାଗଲାନି କାର୍ଯ୍ୟକ୍ରମ ସମ୍ପର୍କିତ ଫ୍ଲେକ୍ସ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପଞ୍ଚାୟତ ଗୋହିରୀବାଦୁ ଆଶ୍ରମ ବିଦ୍ୟାଳୟରେ ଶନିବାର ଅଭିଭାବକ ଆମର ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଧୂମଧାମରେ ପାଳନ କରିବା ଓ ଭୋଜିଭାତ ପାଇଁ ସରକାର ଅନୁଦାନ ଦେଉଛନ୍ତି । କିନ୍ତୁ କେତେଜଣ ଶିକ୍ଷକମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଫିକା ପଡିଛି । ଛାତ୍ରଛାତ୍ରମାନେ ୩ଟା ପର୍ଯ୍ୟନ୍ତ ନ ଖାଇ ଉପବାସରେ ରହିଥିବା ଅଭିଯୋଗ ହେଉଛି ।

ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ନିମନ୍ତେ ଗୋହିରିବାଦୁଠାରେ ଥିବା ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପ୍ରତି ଆଶ୍ରମ ବିଦ୍ୟାଳୟରେ ଧୂମଧାମରେ ପାଳନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ଏହି


ଅତିଥି ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

ପାଇଁ ଟେଣ୍ଡ କରିବା ସହ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ସରକାର ୧୫ ହଜାର ଟଙ୍କା ଓ ଉକ୍ତ ଦିନ ସମସ୍ତ ଛାତ୍ରୀଛାତ୍ରଙ୍କୁ ଭୋଜିଭାତ ଦେବା ନିମନ୍ତେ ଜଣ ପିଛା ୫୦ ଟଙ୍କା ଅନୁଦାନ ମଲୁଛି। କିନ୍ତୁ ସେଥିରୁ ମାତ୍ର ଅଳ୍ପ କିଛି ଅର୍ଥରେ କାର୍ଯ୍ୟକ୍ରମ କରି ସବୁ ଅନୁଦାନ ଲୁଟିବାର ପ୍ରୟାସ କରାଯାଉଛି ବୋଲି କେତେଜଣ ଅଭିଭାବକ କହିଛନ୍ତି । ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଦିନ ମଧ୍ୟାହ୍ନ ଭୋଜନ ବନ୍ଦ ଥିବା ବେଳେ ଭୋଜି ଖାଇବା ପାଇଁ ଛାତ୍ରୀଛାତ୍ରମାନେ ଦିନ ୩ଟା ଯାଏ ଉପବାସ ରହିଥିବା କହିଛନ୍ତି କେତେଜଣ ଛାତ୍ର । କେବଳ ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କୁ ସକାଳୁ ତାଲିକା ଅନୁସାରେ ଜଳଖିଆ ଦିଆଯାଇଥିବା କହିଛନ୍ତି ମାଟ୍ରୋନ । କାମ ଚଳା ଭାବେ ଟେଣ୍ଟ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ କୌଣସି ଫ୍ଲେକ୍ସ ମଧ୍ୟ ଲଗାଯାଇ ନ ଥିଲା । ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରି କାର୍ଯ୍ୟକ୍ରମ ଦିନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବାର ନିର୍ଦ୍ଦେଶ ରହିଥିଲେ ମଧ୍ୟ ମାତ୍ର ୨,୩ଟି ଟ୍ରଫିରେ କାମ ଚଳାଇଥିଲେ । ଛାତ୍ରୀଛାତ୍ରଙ୍କୁ ବିଳମ୍ବରେ ଖାଇବାକୁ ଦେବା ଓ ଅବ୍ୟବସ୍ଥା ମଧ୍ୟରେ କାମଚଳା କାର୍ଯ୍ୟକ୍ରମ ବାବଦରେ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଥିବା ଶିକ୍ଷକ ସୁଧୀର ମହଲଙ୍କୁ ପଚାରିବାରେ କାର୍ଯ୍ୟକ୍ରମ ବାବଦରେ ମୋତେ କୌଣସି ଟଙ୍କା ଦିଆଯାଇନାହିଁ । ମୁଁ ମୋ ହାତରୁ ସବୁ ଖର୍ଚ୍ଚ କରି କରୁଛି ବୋଲି କହିଛନ୍ତି । କାର୍ଯ୍ୟକ୍ରମ ପାଇଁ ଅର୍ଥ ଦିଆଯାଉଛି । ଯଦି ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକ୍ରମ ହୋଇ ନ ଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ଛାତ୍ରଛାତ୍ର , ଅଭିଭାବକ ଓ ସ୍କୁଲ କର୍ମଚାରୀଙ୍କ ସହ ସୁସମ୍ପର୍କ , ସ୍କୁଲର ଅଭାବ ଅସୁବିଧା ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ସରକାରଙ୍କ ଯୋଜନା ବିଷୟରେ ଜାଣିବା ଆଦି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ନାୟକ , ଶିକ୍ଷକ ସୁଧିର ମହଲ, ଦିଲୀପ କୁମାର, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ନାୟକ , ଅଧୀକ୍ଷକ ଉଷାରାଣୀ ଦୋରା ପ୍ରମୁଖ ସହଯୋଗ କରିଥିଲେ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲକି


@ ରୁଦ୍ର


@ ସୋହାନି


@ ଯଶୋବନ୍ତ


@ ଶ୍ରୀଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨ ସୁନା ଚେନ୍ ଲୁଟେରା ଜେଲ ଗଲେ

ନୟାଗଡ଼,୧୭।୯(ଲୋକନାଥ ମିଶ୍ର)

### ଜବତ ହେଲା ଲୁଟ୍ ହୋଇଥିବା ସୁନା ଚେନ୍

ନୟାଗଡ଼ ଟାଉନ ଥାନା ପୋଲିସ ୨ ସୁନା ଚେନ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ଆଦର୍ଶ ଥାନା ଗଡଖୋର୍ଦ୍ଧା ହାଉସିଂ ବୋର୍ଡ କଲୋନୀର ଦେବୀ ପ୍ରସାଦ ରାଉଳ ଓରଫ ସୋନୁ(୨୦) ଓ ମୁକୁନ୍ଦପ୍ରସାଦର ଚିନ୍ମୟ କୁମାର ମହାପାତ୍ର(୩୯)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଦୁଇ ଲୁଟେରାଙ୍କଠାରୁ ଲୁଟ୍ ହୋଇଥିବା ସୁନା ଚେନ୍ ଓ ଲୁଟ୍ ସମୟରେ ବ୍ୟବହୃତ ବାଇକ୍(ନଂ.ଓଡି୩୩ ଆର୦୭୯୯) ଓ ମୋବାଇଲ ଜବତ ହୋଇଛି । ଶନିବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଡ୍ୟୁଟି ଶେଷ କରି ଝୁମ୍ପୁରୀ ଗାଁର ନର୍ସ ଲିଟୁମାମା ସାହୁ ଘରକୁ ଫେରୁଥିଲେ । ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ପଛ ପାଖରୁ ଦୁଇ ଜଣ ଯୁବକ ଏକ କଳାରଙ୍ଗର ବାଇକ୍‌ରେ ଆସି ତାଙ୍କ ବେକରୁ ୧୨ ଗ୍ରାମ ଓଜନର ସୁନାଚେନ ଲୁଟି ନେଇଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୦୬/୨୩) ରୁଜୁ କରି ଘଟଣାର ତଦନ୍ତ କରୁଥିଲା ।

